୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.32 Bhubaneswar Thursday March 07 2024 | ୨୬ତମ ବର୍ଷ ସଂଖ୍ୟା-୩୨ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୦୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ନବୀନ ନିବାସ ବୈଠକ: ବିଜେପି ସହ ମେଂଟ ନେଇ ସୂଚନା ଦେଲେ ନବୀନ

ଭୁବନେଶ୍ୱର,୬ ।୩(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ଠିକ୍ ୧୫ବର୍ଷ ପରେ ପୁଣିଥରେ ନିର୍ବାଚନୀ ମେଂଟ ହେବାକୁ ଯାଉଛି । ଗତ ଦେ ?ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି ମେଂଟ ଚର୍ଚ୍ଚା ଏବେ ସତ ପ୍ରମାଣିତ ହୋଇଛି । ନବୀନ ନିବାସରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ବୈଠକରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ନିର୍ବାଚନରେ ବିଜେପି ସହ ନିର୍ବାଚନୀ ମେଂଟ ନେଇ ସୂଚନା ଦେଇଥିବା ଜଣାପଡିଛି । ତେବେ ବିଜେପି ଓ ବିଜେଡି କେତେ ସିଟରେ ଲ ?ିବେ ଓ କେଉଁ ଫର୍ମୁଲାରେ ରାଜ୍ୟରେ ଦୁଇ ଦଳ ମଧ୍ୟରେ ନିର୍ବାଚନୀ ମେଂଟ ହେବ ତାହା ଜଣାପଡିନି ।ମିଳିଥିବା ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦଳର ବରିଷ୍ଠ ନେତାମାନଙ୍କୁ ନବୀନ ନିବାସ ଡକାଇ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଛନ୍ତି । ବୈଠକରେ ବର୍ତ୍ତମାନର ରାଜନୀତିକ ପରିସ୍ଥିତି ଓ ବିଜେପି ସହ ସମ୍ଭାବ୍ୟ ମେଂଟ ନେଇ ସେ ଦଳର ନେତାମାନଙ୍କୁ ସୂଚନା ଦେଇଛନ୍ତି । ଏହାସହିତ ଦଳ ପକ୍ଷରୁ ଖୁବଶୀଘ୍ର ଏନେଇ ଗଣମାଧ୍ୟମକୁ ସୂଚନା ଦିଆଯିବ । ବୈଠକରେ କେଉଁ ଫର୍ମୁଲା(ଆସନ ସଂଖ୍ୟା)କୁ ନେଇ ଏହି ବୁଝାମଣା ହେଉଛି ତା'ର ବିସ୍ତୃତ ସୂଚନା ମିଳିପାରିନି ।




## ପଦ୍ମ ଧରିଲେ ନାଲ୍କୋର ପୂର୍ବତନ ସିଏମ୍ଡି ତପନ ଚାନ୍ଦ

ଭୁବନେଶ୍ୱର,୬ ।୩(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ବିଜେଡିର ବହୁ ବରିଷ୍ଠ ନେତା ଓ ବିଧାୟକମାନେ ବିଜେପିରେ ସାମିଲ ହେଉଛନ୍ତି । ଏହି କ୍ରମରେ ଆଜି ବିଜେପିରେ ଯୋଗ ଦେଇଛନ୍ତି ନାଲକୋର ପୂର୍ବତନ ସିଏମ୍ଡି ତପନ ଚାନ୍ଦ । ରାଜ୍ୟ କାର୍ଯ୍ୟାଳୟରେ ବିଜେପି ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ତପନ ଚାନ୍ଦ ବିଜେପିରେ ଯୋଗ ଦେଇଛନ୍ତି ।ତପନ ଚାନ୍ଦ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଥିଲେ । ଛାତ୍ର ଜୀବନରୁ ସେ ଇଇଠଚ ଏବଂ ଆରଏସଏସ ସହ ଜଡିତ ଥିଲେ । ସମାଜର ସବୁବର୍ଗଙ୍କୁ ମୋଦିଙ୍କ ଗ୍ୟାରେଣ୍ଟି ଏବଂ 'ବିକଶିତ ଭାରତ'ର ବାର୍ତ୍ତା ପହଂଚାଇବା ପାଇଁ ଶପଥ ନେଇଥିଲେ ତପନ ।



## ରାଣୀପଥର ଘାଟିରେ ଓଲଟିଲା ଓଏସଆରଟିସି ବସ୍: ୧୦ ରୁ ଅଧିକ ଆହତ

ଭୁବନେଶ୍ୱର,୬ ।୩(ପି.ଏନ): ଫୁଲବାଣୀ ରାଣୀପଥର ଘାଟିରେ ଓଏସଆରଟିସି ବସ ଦୁର୍ଘଟଣା ଘଟିବା ଖବର ସାମ୍ନାକୁ ଆସିଛି । ଭାରସାମ୍ୟ ହରାଇ ଏହି ବସଟି ଓଲଟି ପଡିଛି । ଏହି ଦୁର୍ଘଟଣାରେ ୧୦ ରୁ ଅଧିକ ଲୋକେ ଆହତ ହୋଇଛନ୍ତି ବୋଲି ସୂଚନା ମିଳିଛି । ସୂଚନାନୁଯାୟୀ, ଏହି ସରକାରୀ ବସରେ ୪୦ରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ । ଏହି ଯାତ୍ରୀବାହୀ ବସ ଫୁଲବାଣୀରୁ ଅନୁଗୁଳ ଯୋଗେ ଯାତ୍ରା କରୁଥିଲା । ବୌଦ୍ଧ-କନ୍ଧମାଳ ସୀମାନ୍ତରେ ଏହି ଦୁର୍ଘଟଣାଟି ଘଟିଛି । ଆହତଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଏବଂ ମହିଳା ବୋଲି ଜଣାପଡିଛି ।



## ୫ ଦୋଷୀଙ୍କୁ ଫାଶି ଦଣ୍ଡାଦେଶ ଶୁଣାଇଲେ କୋର୍ଟ

ଭୁବନେଶ୍ୱର,୬ ।୩(ପି.ଏନ): ୫ ଦୋଷୀଙ୍କୁ ଫାଶି ଦଣ୍ଡାଦେଶ ଶୁଣାଇଲେ କୋର୍ଟ । ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଶୈରାଜାଜ ଆଜି ଏହି ରାୟ ଶୁଣାଇଛନ୍ତି । ୨୦୧୯ ମସିହାରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା । ୨୦୧୯ ମସିହା ମାର୍ଚ୍ଚ ୨୫ ତାରିଖ ଘରେ ଥିଲେ ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା । ରାତି ପ୍ରାୟ ସାଢ଼େ ୧୦ଟା ବେଳେ ତାଙ୍କ ଘରେ ପହଞ୍ଚିଥିଲେ ଏକତାଳି ଗାଁର ଅଜିତ ପୃଷ୍ଟି, ସଞ୍ଜୀବ ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି ଓ ଦୋଳ ବୋଇତେଇ । ବିଭିନ୍ନ ବାହାନା କରି ତାଙ୍କୁ ଘରୁ ଡାକି ଆଣିଥିଲେ । ପରେ ତାଙ୍କୁ ତାଙ୍କ ଘର ଆଗରେ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ ।

## ରୁଷ ପାଇଁ ଯୁଦ୍ଧ କରୁଥିବା ବେଳେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୬ ।୩(ପି.ଏନ): ବଳପୂର୍ବକ ରୁଷ ପାଇଁ ୟୁକ୍ରେନ ବିରୋଧରେ ଯୁଦ୍ଧ କରୁଥିବା ୩୦ ବର୍ଷୀୟ ଭାରତୀୟଙ୍କ ମୃତ୍ୟୁ ଘଟିଛି । ଉକ୍ତ ଭାରତୀୟଙ୍କ ଘର ହାଇଦ୍ରାବାଦରେ । ଚାକିରି କରାଇ ଦେବା ନାଁରେ ତାଙ୍କୁ ରୁଷ ପଠା ଯାଇଥିଲା । ସେଠାରେ ରୁଷ ସେନାରେ ତାଙ୍କୁ ଭର୍ତ୍ତି କରାଯିବା ସହ ଯୁଦ୍ଧ କରିବାକୁ ବାଧ କରାଯାଇଥିଲା । ଯୁଦ୍ଧ ବେଳେ ତାଙ୍କର ମୃତ୍ୟୁ ଘଟିଛି ।ରୁଷରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ମହମ୍ମଦ ଅସଫାନ ପ୍ରାଣ ହରାଇଥିବା ଖବରକୁ ନିଶ୍ଚିତ କରାଯାଇଛି । ତେବେ ତାଙ୍କର ମୃତ୍ୟୁର କାରଣ କିମ୍ବା ରୁଷରେ ସେ କ'ଣ କରୁଥିଲେ, ସେକଥା ଦୂତାବାସ କହି ନାହିଁ ।

## ଛାତ୍ର ବୃତ୍ତିକୁ ଏକ ରାଜନୀତି: ୪ କିମି ରାସ୍ତାକୁ ହେଲିକେପ୍ଟରରେ ଗଲେ ପାଣ୍ଡିଆନ:କଂଗ୍ରେସ

ମାଲକାନଗିରି,୬/୩ (ପି.ଏନ):ଗତ ୫ତାରିଖରେ ମାଲକାନଗିରି ସଦରମହକୁମା ସ୍ଥିତ ଖେଳପଡିଆ ଠାରେ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ କଲେଜ ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ବଣ୍ଟନ କରିବା ପାଇଁ ଆସିଥିଲା ବେଳେ ଏହା ଏକ ଭୋଟ ରାଜନୀତି ବୋଲି ଆଜି ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ବର୍ଷି ଥିଲେ । ଗତ କାଲି ପାଣ୍ଡିଆନ ମାଲକାନଗିରିରେ ପହଞ୍ଚି ଛାତ୍ର ବୃତ୍ତି ବାଣ୍ଟିଥିଲେ । ତେବେ ମାଲାକନଗିରିକୁ ଏକ ଫ୍ଲାଇଟରେ ଆସି ନବନିର୍ମିତ ଜାହାଜ ଅବତରଣ ପଡ଼ିଆରେ ଓହ୍ଲେଇ ଥିଲେ । ସେଠାରୁ ମାତ୍ର ୪ କିଲୋମିଟର ରାସ୍ତା ଷ୍ଟାଡିୟମ , ଯେଉଁ ଠାରେ ପାଣ୍ଡିଆନ ସଭାର ଆୟୋଜନ କରିଥିଲେ । ସେ କୌଣସି ଗାଡ଼ିରେ ନ ଯାଇ ହେଲିକେପ୍ଟର ଯୋଗେ ଯିବା ଘଟଣାକୁ କଂଗ୍ରେସ ବିରୋଧ କରିଛି । ଆଜିର କାର୍ଯ୍ୟକ୍ରମରେ ବିଜେଡି ୫ କୋଟି ଟଙ୍କା ଖର୍ଚ୍ଚ କରିଛି । ଏହା କାହାର ଟଙ୍କା ବୋଲି କଂଗ୍ରେସ ପ୍ରଶ୍ନ କରିଛି ? ଛାତ୍ର ବୃତ୍ତିକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ୨୫ ବର୍ଷ ନବୀନ ସରକାରଙ୍କ ଶାସନ କାଳ ମଧ୍ୟରେ କାହିଁକି ପ୍ରଦାନ କରାଗଲା ନାହିଁ । ଆଗକୁ ନିର୍ବାଚନ ହେତୁ ଏପରି ପନ୍ଥା ଅବଲମ୍ବନ କରି ଥିବା ସେ ଅଭିଯୋଗ କରିଥିଲେ ।ପୂର୍ବ ନିର୍ବାଚନୀ ବର୍ଷଗୁଡିକରେ ବିଜେଡି ପିଠା ଯୋଜନା, ମୋ ବସ ଯୋଜନା ଭଳି କେତେ ଯୋଜନା କରିଥିଲା , ମାତ୍ର ଆଜି ସେସବୁ ଯୋଜନା ନିଷ୍କ୍ରିୟ । ଏବେ ପୁଣି ବିଭିନ୍ନ ଯୋଜନା କରି ଲୋକଙ୍କ ଭୋଟ ହାତେଇବାକୁ ବିଜେଡି ଚେଷ୍ଟା ଜାରି ରଖିଛି ବୋଲି ଶ୍ରୀ ପାତ୍ର ମତବ୍ୟକ୍ତ କରିଛନ୍ତି । ଏଥର ମାଲକାନଗିରି ଜିଲ୍ଲାରେ ଦୁଇଟି ଯାକ ବିଧାୟକ ଆସନ କଂଗ୍ରେସ ଅକ୍ତିଆର କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ବିଜେଡିର ସୁପ୍ରିମୋ ଏଥର ପରାଜୟ ବରଣ କରୁଥିବା ସ୍ପଷ୍ଟ ହେବା ଯୋଗୁଁ ସେ ଭୟଭୀତ ହୋଇ ଏଭଳି ସଧାରଣ ଜନତାଙ୍କ ଟିକସ ଅର୍ଥକୁ ପାଣି ପରି ଅଯଥା ଖର୍ଚ୍ଚ କରି ଚାଲିଛନ୍ତି । ପାଣ୍ଡିଆନ ଙ୍କ ସଭାସ୍ଥଳରେ ସ୍ଥାନୀୟ ବିଧାୟକ, ଏପରି କି କୌଣସି ଗଣମାଧ୍ୟମ ପ୍ରତିନିଧିମାନେଙ୍କୁ ପ୍ରବେଶ କରେଇ ଦିଆଗଲା ନାହିଁ । ଏଥି ପାଇଁ ସାମ୍ବାଦିକମାନେ କ୍ଷୁବ୍ଧ । ଏବଂ ଗଣ ମାଧ୍ୟମର କଣ୍ଠରୋଧ କରାଯାଇଛି । ଏହା କ'ଣ ଅଗଣତାନ୍ତ୍ରିକ ନୁହେଁ କି ବୋଲି କଂଗ୍ରେସ ପ୍ରଶ୍ନ କରିଛି ? ନିଜେ ପାଣ୍ଡିଆନ ଛାତ୍ର ବୃତ୍ତି ପ୍ରଦାନ କରି ପୁଣି ହେଲିକେପ୍ଟରରେ ଏୟାରପୋର୍ଟରେ ପହଞ୍ଚି ଫ୍ଲାଇଟରେ ଚାଲିଗଲେ ।ଏଥିରେ ଖର୍ଚ୍ଚ ହୋଇଥିବା ଟଙ୍କା କ'ଣ ପାଣ୍ଡିଆନଙ୍କର ବୋଲି କଂଗ୍ରେସ ଅଭିଯୋଗ କରିଛି । ଆମରି ଟଙ୍କାରେ ପାଣ୍ଡିଆନ ଏତେ ମଜାମଜଲିସ କରୁଛନ୍ତି ।ତାଙ୍କୁ ଏତେ ପ୍ରସୟ ଦେଲା କିଏ ବୋଲି କଂଗ୍ରେସ କହିଛି । ଓଡିଶାରେ ପାଣ୍ଡିଆନ ରାଜ ଚାଲିବ ନାହିଁ ବୋଲି କଂଗ୍ରେସ ପ୍ରକାଶ କରିଛି ।



## କଂଗ୍ରେସକୁ ଫେରିଲେ ଶ୍ରୀକାନ୍ତ ଜେନା



ଭୁବନେଶ୍ୱର,୬ ।୩(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜର ଘର ସଜାଡିବାରେ ଲାଗିଛି । ରାଜ୍ୟର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ କଂଗ୍ରେସକୁ ଘରବାହୁଡା ହୋଇଛି । ଆଜି ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟଠାରେ ଶ୍ରୀ ଜେନା ଆନୁଷ୍ଠାନିକ ଭାବେ ଦଳକୁ ଫେରିଛନ୍ତି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୧୯ ଜାନୁୟାରୀ ୨୦ତାରିଖରେ କଂଗ୍ରେସରୁ ବହିଷ୍କୃତ ହୋଇଥିଲେ ।ସୂଚନା ଅନୁସାରେ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜେନାଙ୍କୁ ଆଜି ବିଧିବଦ୍ଧ ଭାବେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଦଳରେ ଉତ୍ତୀୟ ଦେଇ ସ୍ୱାଗତ କରିଥିଲେ । ଶ୍ରୀ ଜେନା କହିଥିଲେ ଯେ, ଦଳ ଓ ତାଙ୍କ ମଧ୍ୟରେ ଯାହା ଭୁଲ ବୁଝାମଣା ଥିଲା ତାହା ଦୂର ହୋଇଛି । ସେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସହ କଥା ହୋଇଛନ୍ତି । ସେ ଛାତ୍ର ରାଜନୀତିରୁ କଂଗ୍ରେସ ସହ ଜଡିତ । ଭୁଲ୍ ବୁଝାମଣା ଯୋଗୁ କିଛିଦିନ ପାଇଁ ଦଳଠୁ ଦୂରେଇ ଯାଇଥିଲି ।

## ରାହୁଲ ଗାନ୍ଧିଙ୍କୁ ତାଗିଦ କଲେ ନିର୍ବାଚନ କମିଶନ

ଭୁବନେଶ୍ୱର,୬ ।୩(ପି.ଏନ): ଆଗକୁ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏହାପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ତାଗିଦ କରିଛନ୍ତି ନିର୍ବାଚନ କମିଶନ । ସାଧାରଣ ସଭାରେ ଭାଷଣ ଦେବା ବେଳେ ରାହୁଲ ନିଜର ଶବ୍ଦ ଉପରେ ଅଧିକ ସତର୍କତା ଓ ଯତ୍ନବାନ ହୁଅନ୍ତୁ ବୋଲି କମିଶନ କହିଛନ୍ତି ।ରାହୁଲ ଗାନ୍ଧି ସାଧାରଣ ସଭାରେ ଭାଷଣ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପନୌତି ଓ ପକେଟ ମାର ଭଳି ଶବ୍ଦ ପ୍ରୟୋଗ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ତାଙ୍କୁ ସତର୍କ କରାଇ ଦେଇଛନ୍ତି ।





## ଟ୍ରକ ଧକ୍କାରେ ଜଣେ ମୃତ, ୫ଘଣ୍ଟା ଧରି ରାସ୍ତା ରୋକ କଲେ ଲୋକେ

ବାସୁଦେବପୁର,୬ ।୩(ପି.ଏନ): ସ୍ଥାନୀୟ ବିଦେଇପୁର ଠାରେ କଣ୍ଟିଆ ନାଳୀ ଠାରେ ଟ୍ରକ ଧକ୍କା ରେ ଜଣେ ବ୍ୟକ୍ତି ଙ୍କର ଜୀବନ ଯାଇଛି । ବ୍ୟକ୍ତି ଜଣକ ହେଲେ ମାୟାଧର ମଲିକ ବୟସ (୬୨) । କୌଣସି କାମ ରେ ରାସ୍ତା ରେ ଯିବା ସମୟ ରେ ଟ୍ରକ୍ ଧକ୍କା ଦେଇଛି ବୋଲି ଲୋକେ କହିଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବିରେ ଟାୟାର ଜାଳି ଦୀର୍ଘ ପାଞ୍ଚ ଘଣ୍ଟା ରୁ ଅଧିକ ସମୟ ଧରି ରାସ୍ତା ରୋକ କରିଥିଲେ । ଫଳ ରେ ବହୁ ଗାଡ଼ି ଯିବା ଆସିବା ନ କରି ଅପେକ୍ଷା କରି ଲାଇନ୍ ଧରି ରହିଥିବାର ଦେଖା ଯାଇଥିଲା । ଘଟଣା ସ୍ଥଳ କୁ ଏସ ଡି ପି ଓ ସୌରଭ ଓଟା, ଥାନା ଅଧିକାରୀଣ ସାବିତ୍ରୀ ପଣ୍ଡା, ତହସିଲଦାର ସୌଭାଗ୍ୟ ପଣ୍ଡା ଓ ସମସ୍ତ ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ଲୋକ ମାନଙ୍କ ସହ ଆଲୋଚନା କରି ବୁଝା ଶୁଝା କରିଥିଲେ । ରିପୋର୍ଟ ଲେଖା ସୁଦ୍ଧା ଆଲୋଚନା ଜାରି ଥିବା ଜଣା ଯାଇଛି ।



## ଆଜିଠୁ ଲୋକଙ୍କୁ ମିଳିବ ବିଏସକେୱାଇ ନବୀନ କାର୍ଡ, ଶୁଭାରମ୍ଭ କରିବେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୬ ।୩(ପି.ଏନ): ଲୋକମାନଙ୍କୁ ଆଜିଠାରୁ ମିଳିବ ବିଏସକେୱାଇ ନବୀନ କାର୍ଡ । ଏହାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ । ତେବେ ଏହାର ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଓ ସମ୍ବଲପୁରରେ କାର୍ଡ ବଣ୍ଟାଯିବ । କାର୍ଡପାଇଁ ୪ ଲକ୍ଷରୁ ଅଧିକ ହିତାଧିକାରୀ ଆବେଦନ କରିଛନ୍ତି । ତେବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ପାଇବା ପାଇଁ ଲୋକେ ଆବେଦନ କରିଛନ୍ତି । ଏହି ଆବେଦନର ଶେଷ ତାରିଖ ଜାନୁଆରୀ ୧୬ ରଖାଯାଇଥିଲା । କିନ୍ତୁ କିଛି ଲୋକ ଆବେଦନ ନ କରିଥିବାରୁ ରାଜ୍ୟ ସରକାର ପୁଣି ଆବେଦନର ଅବଧିକୁ ବଢାଇ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ କରିଥିଲେ । ତେବେ ଗଞ୍ଜାମ ଜିଲ୍ଲାର ଲୋକେ ସର୍ବାଧିକ ଆବେଦନ କରିଛନ୍ତି ବୋଲି ସୂଚନା ରହିଛି ।ଲୋକମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ଏହି କାର୍ଡ ବଣ୍ଟନ କରିଛନ୍ତି । ଏଥିରେ ସମସ୍ତ ପରିବାରଗୁଡିକ ଘରୋଇ ହସ୍ପିଟାଲରେ ଗୁରୁତର ରୋଗର କ୍ୟାସଲେସ୍ ଚିକିତ୍ସାର ସୁବିଧା ପାଇବେ । କେବଳ ନିୟମିତ ସରକାରୀ କର୍ମଚାରୀ ବା ସ୍ଥାୟୀ ଚାକିରିଆ(ପେନସନଧାରୀଙ୍କୁ ମିଶାଇ) ଓ ଟିକସଦାତାଙ୍କୁ ବାଦ ଦେବାପରେ ଗ୍ରାମାଞ୍ଚଳରେ ରହୁଥିବା ସବୁ ପରିବାର ଏହି କାର୍ଡର ସୁବିଧା ପାଇପାରିବେ । ସେହିପରି ଯେଉଁମାନେ ପୂର୍ବରୁ ବିଏସକେୱାଇ କାର୍ଡ ପାଇଛନ୍ତି ସେମାନଙ୍କୁ ଆବେଦନର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି ।ବିଏସକେୱାଇ ନବୀନ କାର୍ଡରେ ହୃଦରୋଗ, କିଡନୀ, ଯକୃତ, ବ୍ରେନ ଷ୍ଟ୍ରୋକ, ଗୁରୁତର ମୁଣ୍ଡ ଆଘାତ, ବ୍ରେନ୍ ଟ୍ୟୁମର, ପୋଡିଯିବା, ସ୍ନାୟୁବିକ ରୋଗ ଓ କ୍ୟାନସର ଭଳି ୯ଟି ଗୁରୁତର ରୋଗର କ୍ୟାସଲେସ୍ ଚିକିତ୍ସା ସୁବିଧା ଉଭୟ ରାଜ୍ୟ ଭିତରେ ଓ ବାହାରେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମିଳିପାରିବ ।



## ସ୍ଥାୟୀ ପଟ୍ଟା ଦାବିରେ କେ.ପି.ଏଫ ପକ୍ଷରୁ ରାଲି ଓ ବିକ୍ଷୋଭ

ଫୁଲବାଣୀ,୬ ।୩(ପି.ଏନ) : ସଦର ମହକୁମା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାର ଲୋକଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ବୁଧବାର ଅଗ୍ରଣୀ ସାମାଜିକ ସଂଗଠନ କନ୍ଧମାଳ ପିପୁଲସ ଫୋରମ (କେପିଏଫ୍) ପକ୍ଷରୁ ସଂସ୍ଥାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସମାଜସେବୀ, ସାମ୍ବାଦିକ ରାଧାମୋହନ ମହାପାତ୍ରଙ୍କ ବଳିଷ୍ଠ ନେତୃତ୍ୱରେ ଏକ ବିଶାଳ ରାଲିରେ ଶତାଧିକ ଲୋକ, ବୁଦ୍ଧିଜୀବୀ, ସ୍ଲୋଗାନ ଦେବାସହ ହାତରେ ପ୍ଲାକାର୍ଡ ଧରି ସ୍ଥାନୀୟ ମାଦିକୁନ୍ଦାଛକରୁ ବାହାରି ବିଜୁ ପଟ୍ଟନାୟକ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ କ୍ଷ ସରକାରୀ ଜମିରେ ଜବରଦଖଲ କରି ପୁରୁଷ ପୁରୁଷ ଧରି ରହି ଆସୁଥିବା ଲୋକଙ୍କୁ ତୁରନ୍ତ ସ୍ଥାୟୀ ଘରବାରି ଜମି ପଟ୍ଟା ପ୍ରଦାନ କରିବା ନେଇ ଦାବି କରାଯାଇଥିଲା । ସେହିପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କନ୍ଧମାଳ ଜିଲ୍ଲାରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ( ଇକୋ ଟୁରିଜିମ୍ ହବ )କରିବା ଦାବି କରାଯାଇଥିଲା ।ଏହାଦ୍ୱାରା ଜିଲ୍ଲା, ରାଜ୍ୟ ଓ ବିଦେଶୀ ପର୍ଯ୍ୟଟକ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିବେ ଓ ଜିଲ୍ଲାର ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହେବ ବୋଲି ଅଧ୍ୟକ୍ଷ ମହାପାତ୍ର କହିଥିଲେ ।ଉଡାଣ ଯୋଜନାରେ କନ୍ଧମାଳ ଜିଲ୍ଲାକୁ ବିମାନ ସେବା ,ଡାକପାଲା ଠାରୁ ଭାୟା ସାଇନପଦର ଅରକ୍ଷପାଜୁ ସ୍ଥାୟୀ ରାସ୍ତା ନିର୍ମାଣ, ସାଇନପଦର ସ୍କୁଲ ର ଉନ୍ନତିକରଣ ଆଦି ଅନ୍ତର୍ଭୁକ୍ତ ।








## ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢ଼ିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ-ସତ୍‌ସଙ୍ଗର ଆହ୍ୱାନ




ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା’ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁସ୍ଥ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉକ୍ତ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ। ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧ୍ୟାତ୍ମିକବାଦୀମାନେ କହିଥାନ୍ତି। ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ। ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ। ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ। ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା। ଭଗବତ ଗୀତାରେ ଉଲ୍ଲେଖ ଅଛି ‘ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍।’ ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି- ଉପାସନା। ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ। ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ। ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା। ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ। ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ। ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ। ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ-ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା। ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

# ଶୋଭନୀୟ ଚେତନାରେ ପୂଜ୍ୟ ଶ୍ରୀ କୁମାର ଭାଇ



ପୃଥିବୀରେ ଅନେକ ଆନ୍ଦୋଳନର ଭିତ୍ତି ପଡ଼ିଛି ମାନବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଓ ଆଦର୍ଶ ଓ ଶାନ୍ତିମୟ କରି ଗଢ଼ିତୋଳିବା ପାଇଁ। ବହୁ ମହାତ୍ମା, ମନିଷୀ, ସନ୍ଥ, ସାଧକ, ମହାପୁରୁଷ ଓ ପ୍ରବର୍ତ୍ତକଙ୍କର ତମାମ ଜୀବନ ଉତ୍ସର୍ଗୀକୃତ ହୋଇଛି ତଥାକଥିତ ପଙ୍କିଳ ଓ ବିଶୃଙ୍ଖଳିତ ମାନବ ସମାଜକୁ ବିଭିନ୍ନ ମାର୍ଗଦ୍ୱାରା ଶୃଙ୍ଖଳିତ କରିବାର ପ୍ରଚେଷ୍ଟାରେ। ଆଦିମ କାଳରୁ ମାନବ ଖୋଜିଆସିଛି ବାସ୍ତବ ଶାନ୍ତି, ଆନନ୍ଦ, ଶୁଦ୍ଧ ସ୍ନେହ, ମମତା ଓ ପବିତ୍ର ଭଲପାଇବା। କିନ୍ତୁ ଦୁଃଖ ଓ କ୍ଷୋଭର କଥା କେତେକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଆଜିର ସୂଚନାପ୍ରଯୁକ୍ତିର ମଣିଷ ଶାନ୍ତି ନାମରେ ଭ୍ରାନ୍ତି, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଂଖଳତା, ସ୍ନେହନାମରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନା ଓ ସୁଖ ନାମରେ କ୍ଷଣିକ ଉନ୍ମାଦନା ଲାଭ କରିଛି। ସବୁ କ୍ଷେତ୍ରରେ ଦେଖନ୍ତୁ ଆଜି ଧର୍ମଠାରୁ ଆରମ୍ଭ କରି ରଜାନୀତି, ଶିକ୍ଷା, ବ୍ୟବସାୟ, ସମାଜସେବା, ପାରିବାରିକ ଜୀବନ ସବୁକ୍ଷେତ୍ରରେ ଅଶୋଭନୀୟତା ଭରିଗଲାଣି। ସମାଜର ଏହି ନାନା ସମସ୍ୟାକୁ ଗଭୀରଭାବେ ଅନ୍ତର୍ଦୃଷ୍ଟି ସହ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମାନବିକ ଚେତନା ଓ ନୈତିକ ଶକ୍ତିର ଅଭାବ ହିଁ ଏ ସମସ୍ତ ସମସ୍ୟାର ମୂଳ କାରଣ। ତେଣୁ ମାନବିକ ଚେତନା ଓ ନୈତିକ ଶକ୍ତିର ବିକାଶ ବିନା ପୃଥିବୀର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ତଥାକଥିତ ସମାଜର ଚତୁର୍ଦ୍ଦିଗର ଅଶୋଭନୀୟତାର ରାକ୍ଷସ ଅନୀତି ଦୁର୍ନୀତି ବିଶ୍ୱାସଘାତକତା, ହିଂସା ପ୍ରତିହିଂସା ଓ କ୍ଷମତା ଲିପ୍ସୁର ମୁଣ୍ଡ ଟେକିଥିଲାବେଳେ ଏହାକୁ ପ୍ରତିହତ କରି ଏକ ଦିବ୍ୟ ସମାଜର ସ୍ୱପ୍ନ ଦେଖିଥିଲେ ଯେଉଁ ଯୁଗ ପୁରୁଷ ସେ ଥିଲେ ପୂଜ୍ୟ ଶ୍ରୀ କୁମାର ଭାଇ। ୧୯୪୭ ମସିହା ଏପ୍ରିଲ ୮ ତାରିଖ ଦିନ ମାତା ପୂଣ୍ୟପ୍ରଭା ଦେବୀ ଓ ପିତା ଶ୍ୟାମସୁନ୍ଦର ଦାସଙ୍କ ସେ କୋଳମଣ୍ଡନ କରିଥିଲେ। ମାତ୍ର ୯ମାସ ବୟସରେ ସର୍ପାଘାତରେ ମାତୃବିୟୋଗ ପରେ ପୂଜ୍ୟ ଶ୍ରୀ ଭାଇଙ୍କର ଦାୟିତ୍ୱ ନେଇଥିଲେ ଓଡ଼ିଶାରେ ନାରୀଶିକ୍ଷାର ପ୍ରବର୍ତ୍ତିକା ଶ୍ରୀମତୀ ରେବା ଦେବୀ। କଟକ ଓ ଭୁବନେଶ୍ୱର ସେଣ୍ଟ ଜୋସେଫ୍ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିବା ସମୟରେ ମାତ୍ର ୧୩ ବର୍ଷ ବୟସରେ ନିମନ୍ତ୍ରଣ ପାଇ କଳାର ଆକର୍ଷଣରେ ସେ ବମ୍ବେ ଯାଇଥିଲେ। ସେଠାରେ ଏକ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣକୁ ମିଠାବିଷ ମନ୍ତବ୍ୟ ଦେଇଥିବାରୁ ମଞ୍ଚ ଉପରୁ ଟେକାମାଡ଼ ଖାଇ ସେ ରକ୍ତାକ୍ତ ହୋଇଥିଲେ ମଧ୍ୟ ସେହି ନୃତ୍ୟାଙ୍ଗନା ଭଉଣୀ ବିମଳା କିନ୍ତୁ ଶପଥ ନେଇଥିଲେ ନିଜ ଜୀବନକୁ ପରିବର୍ତ୍ତନ କରିବା ପାଇଁ। ପରବର୍ତ୍ତୀ ସମୟରେ ଏହି କିଶୋର ଜଣକ ନିଜ ରାଜ୍ୟ, ସମାଜ ଓ ରାଷ୍ଟ୍ରରେ ପରିବର୍ତ୍ତନର ଜାଗରଣ ନେଇ ଫେରିଥିଲେ ନିଜ ଓଡ଼ିଶା ମାଟିକୁ। ସମାଜର ସୁପରିବର୍ତ୍ତନ ପାଇଁ ଜନସାଧାରଣଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସରେ ଯୁଗପଥ ପରିବର୍ତ୍ତନ ପାଇଁ ସେ ପ୍ରଚେଷ୍ଟା ଆରମ୍ଭ କରିଥିଲେ। ସେ ବିଶ୍ୱାସ କରିଥିଲେ ମନ ବଦଳିଲେ ଯୁଗ ବଦଳିବ। ଏହି ପରିବର୍ତ୍ତନ ସମ୍ଭବ ହୋଇପାରିବ ଶିକ୍ଷା, ସାହିତ୍ୟ, ନାଟକ, ସଂଗୀତ, କଳା, ପତ୍ରପତ୍ରିକା, ସମ୍ବାଦପତ୍ର ଓ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ଗଠନ ମୂଳକ ପ୍ରଚାର ଶୈଳୀ, ଧର୍ମସଭା ଓ ମାନବିକ ଚେତନାଦାୟକ ଜାଗରଣକାରୀ ସଂସ୍ଥା ସାହାଯ୍ୟରେ। ସମାଜର ସୁରକ୍ଷା, ଶାନ୍ତି ଓ ମଙ୍ଗଳ ପ୍ରତିଷ୍ଠା ପାଇଁ ୧୯୬୨ ମସିହା ଅପ୍ରେଲ ୮ ତାରିଖରେ ଶ୍ରୀରାମଚନ୍ଦ୍ର ଭବନ ଠାରେ ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରାଣକୃଷ୍ଣ ପରିଜାଙ୍କ ପୌରୋହିତ୍ୟରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଉଦ୍‌ଘାଟିତ ହୋଇଥିଲା। ଏହାର ଆୟୋଜକ ଥିଲେ ଦେଶସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ। ସମଗ୍ର ମାନବ ସମାଜକୁ ଅଶୋଭନୀୟତା ଓ ହିଂସା ପ୍ରତିହିଂସା ଧ୍ୱଂସ ଆଡ଼କୁ ନେଇଯାଉଥିବା ସମୟରେ ଓଡ଼ଇଶାର ଏହି ତରୁଣ ପୂଜ୍ୟ ଶ୍ରୀ କୁମାର ଭାଇ ଅଶୋଭନୀୟତାର ବିରୋଧ ଓ ଶୋଭନୀୟତାର ବିକାଶ ପାଇଁ ଚେତନାର ଶଂଖ ଶୁଣାଇଥିଲେ। ପରବର୍ତ୍ତୀ ସମୟରେ ଦେଶ ବିଦେଶରୁ ଏହି ଆନ୍ଦୋଳନ ପ୍ରତି ବହୁ ସମର୍ଥନ ଓ ସଦିଚ୍ଛାର ସୁଅ ଛୁଟିଥିଲା। ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସି, ଭୂଦାନ ଯଜ୍ଞର ପୁରୋଧା ବିନୋବା, ଲାଲ୍ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ଲଣ୍ଡନର ଜିଓ ପେଡ଼ାକ୍, ଆଚାର୍ଯ୍ୟ ହରିହର, ଡଃ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ, ମା’ ରମାଦେବୀ ପ୍ରମୁଖ ସମର୍ଥନ ଜଣାଇଥିଲେ। ଶିକ୍ଷାକ୍ଷେତ୍ରରେ ମଙ୍ଗଳମୟ ସଂସ୍କାର ପାଇଁ ଗଢ଼ି ଉଠିଥିଲା ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର। ତାଙ୍କର ମୁଖ୍ୟ ବାଣୀ ଥିଲା - କେହି ଭଲ ହେଉ ବା ନ ହେଉ ନିଜକୁ ମୁଁ ଭଲ କରିବି ହିଁ। ଚଳିତ ମାସ ଅପ୍ରେଲ ଆଠରୁ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଛି। ସମସ୍ତଙ୍କ ଭିତରେ ଭଲ ପାଇବାର ମହାମନ୍ତ୍ରକୁ ପ୍ରଚାର ଓ ପ୍ରସାର ପାଇଁ ଶୋଭନୀୟ ଚେତନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ଦାୟିତ୍ୱ କେବଳ ଶୋଭନୀୟ କର୍ମୀଙ୍କର ନୁହେଁ ବରଂ ଆମ ସମସ୍ତଙ୍କର। ସଂପ୍ରତି ମାନବୀୟ ମୂଲ୍ୟବୋଧ ସନ୍ଧିକ୍ଷଣରେ ପହଞ୍ଚିବା ବେଳେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଚିନ୍ତା ଓ ଚେତନା ସମସ୍ତଙ୍କ ପାଇଁ ପ୍ରାର୍ଥନା ହେଉ। ବର୍ତ୍ତମାନର ସମାଜରେ ପ୍ରଗତି ଓ ନୈତିକତାର ଉନ୍ମୀଳନ ପାଇଁ ସଚେତନ ନାଗରିକ ହିସାବରେ ଏ ଗୁରୁ ଦାୟିତ୍ୱ ଆମ୍ଭ ସମସ୍ତଙ୍କର ଏକ ଶୋଭନୀୟ ସମାଜ ପ୍ରତିଷ୍ଠା ପାଇଁ ମାନବିକତା ବିବର୍ଜିତ ଜୀବନ ନୁହେଁ, ସ୍ନେହ ଶାନ୍ତିଭରା ପରିବାର ଓ ଶୋଭନୀୟ ଯୁଗଟିଏ ହିଁ ଚାହୁଁ। ଏହାହିଁ ହେବ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

## ସାହିତ୍ୟିକ ପ୍ରାଣକୃଷ୍ଣ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଖୋର୍ଦ୍ଧା (ପିଏନ୍): ପ୍ରଣମ୍ୟ ସାହିତ୍ୟିକ ତଥା ପ୍ରାଣନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ତଥା କୁମାରବସ୍ତ ପଲ୍ଲୀଶ୍ରୀ ସାହିତ୍ୟ ସଂସଦର ସଭାପତି ପ୍ରାଣକୃଷ୍ଣ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଜେମାଦେଈ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ନିରାଡ଼ମ୍ବର ସ୍ମୃତିସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରାଣକୃଷ୍ଣ ମିଶ୍ରଙ୍କ ଭାଷା, ସାହିତ୍ୟ ପ୍ରତି ଥିବା ଅଙ୍ଗୀକାରବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ। ବହି ହେଉଛି ଜୀବନର ବଡ଼ ବଂଧୁ ବୋଲି ସେ ମତବ୍ୟକ୍ତ କରୁଥିଲେ। ଏଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକରୁ ଅଧିକ ବହି ପଢିବା ପାଇଁ ପରାମର୍ଶ ଦେଉଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଲକ୍ଷ୍ମୀଧର ପତି ଓ ଲଳିତ ମୋହନ ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ମିଶ୍ର କିଭଳି ପ୍ରଚଣ୍ଡ ପ୍ରାଣ୍ଡିତ୍ୟର ଅଧିକାରୀ ହେବା ସହ ମାନବୀୟ ଗୁଣରେ ପରିପୂର୍ଣ୍ଣ ଥିଲେ ତାହା ବର୍ଣ୍ଣନା କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଦୁଇ ପୁତ୍ର ତପନ କୁମାର ମିଶ୍ର ଓ ତୋଫାନ୍ କୁମାର ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ‘ପ୍ରାଣ ପ୍ରସୂନ’ ପୁସ୍ତକକୁ ଲୋକାର୍ପିତ କରାଯାଇଥିଲା । କାର୍ଯ୍ୟକ୍ରମର ଆବାହକ ପ୍ରାଧ୍ୟାପକ ଡ଼. କୈଳାସ ଚନ୍ଦ୍ର ମହାରଣାଙ୍କ ପରିଚାଳନାରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା । ସ୍ମୃତିସଭା ଆଲୋଚନାରେ ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଡ଼ି.ଏସ୍.ଓ.ର ଆବାହକ ଜୟନ୍ତ କୁମାର ମହାନ୍ତି, ଗଡ଼ମୋଟରୀର କବି ରୋହିତ୍ କୁମାର ଚମ୍ପତି, କୁମାରବସ୍ତର କବି ବିକ୍ରମ କେଶରୀ ମଙ୍ଗରାଜ, ଶରତ ଚନ୍ଦ୍ର ମହାପାତ୍ର, ଦିନେଶ ଶତପଥି, ନାରାୟଣ ମିଶ୍ର, ହାଡ଼ିବନ୍ଧୁ ଦାସ, ପ୍ରମୁଖ ସ୍ୱର୍ଗତଃ ମିଶ୍ରଙ୍କ ପ୍ରଜ୍ଞାଦୀପ୍ତ ପ୍ରତିଭା ଖୋର୍ଦ୍ଧା ସାହିତ୍ୟ ପରିବେଶକୁ ଉର୍ଦ୍ଧ୍ୱସ୍ୱଳ କରିଥିଲା ବୋଲି ମତ ଦେଇଥିଲେ । ପୁତ୍ର ତୋଫାନ୍ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଚିନ୍ତାମଣି ପାଣିଗ୍ରାହୀ ଥିଲେ ଉତ୍କଳର ସୁଯୋଗ୍ୟ ସନ୍ତାନ



ଭୁବନେଶ୍ୱର (ପିଏନ୍): ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମ୍ପାଦକ, ରାଜନୀତିଜ୍ଞ, ଆସାମର ପୂର୍ବତନ ରାଜ୍ୟପାଳ ତଥା ବହୁମୁଖୀ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଚିନ୍ତାମଣି ପାଣିଗ୍ରାହୀଙ୍କ ୧୦୧ତମ ଜୟନ୍ତୀ ସ୍ଥାନୀୟ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ମଣ୍ଡଳୀ କାର୍ଯ୍ୟାଳୟଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ଭାଷାପ୍ରାଣ ସୀତାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତଃ ପାଣିଗ୍ରାହୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ରାଜ୍ୟପାଳ ତଥା ଉତ୍କଳର ସୁଯୋଗ୍ୟ ସନ୍ତାନ ଭାବେ ତାଙ୍କର କାର୍ଯ୍ୟଧାରା ଚିରସ୍ମରଣୀୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ଅହରହ ଚେଷ୍ଟିତ ରହିବା ସହିତ ସାହିତ୍ୟିକ ଭାବେ ଗାନ୍ଧୀ କାହାଣୀ, ନୂତନ ପ୍ରବାହ, ଯୁଗ ସାହିତ୍ୟ ପ୍ରମୁଖ ଆଜି ବି ତାଙ୍କୁ ଚିରଅମର କରି ରଖିଛି। ସେ ପୁରୀ ଜିଲ୍ଲା ବିଶ୍ୱନାଥପୁରର ପ୍ରତିଭା ଭାବେ ଭୂମିଷ୍ଠ ହୋଇଥିଲେ। ସ୍ମୃତିଚାରଣ ସଭାରେ ପର୍ଶୁରାମ ଦ୍ୱିବେଦୀ, ପ୍ରଭାତ ନନ୍ଦ, ଆରତୀ କର, ରାମନାରାୟଣ ମିଶ୍ର, ବିବେକାନନ୍ଦ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବିଶ୍ୱ ଅଟିଜିମ ସଚେତନତା ଦିବସ





ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହି ଦିନକୁ ଅନ୍ତଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ।

**ଅଟିଜିମ୍:** ଲକ୍ଷଣ ଓ ଚିକିତ୍ସା ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଏ । ଆମ ଦେଶରେ ପ୍ରାୟ ୫୦ଲକ୍ଷ ପିଲା ଅଟିଜିମ୍ ରୋଗ ଦ୍ୱାରା ପ୍ରଭାବିତ। ଭାରତରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି । ଯାହା ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ। ମସ୍ତିଷ୍କର ବିକାଶରେ ପ୍ରତିରୋଧ ହୋଇଥିବା ଯୋଗୁଁ ଏ ପ୍ରକାର ରୋଗ ହୋଇଥାଏ। ଏପରି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ। ଆଖିକୁ ଆଖି ସହିତ ମିଳାଏ ନାହିଁ। ଯଦି ତା’ର କିଛି ଜିନିଷ ଦରକାର ତା’ହେଲେ ସେ ପିଲାଟି ମା’ର ହାତକୁ ନେଇ ଜିନିଷଟି ଉପରେ ରଖିଦିଏ। ସେ ଅନ୍ୟ ପିଲାଙ୍କ ସହିତ ମିଶେ ନାହିଁ। ନିଜେ ଏକା ଏକା ବସି ଖେଳେ। ଗୋଟିଏ କଥାକୁ ବାର ମ୍ବାର କହେ ଓ ଗୋଟିଏ କାମକୁ ବାର ମ୍ବାର କରିଥାଏ। ସେ ନିଜେ ନିଜ ଦୁନିଆରେ ରହେ। ଏପରି ପିଲାକୁ ଅନ୍ୟପିଲାଙ୍କ ସହିତ ମିଶିବାକୁ, କଥାବାର୍ତ୍ତା କରିବାକୁ ପ୍ରବର୍ତ୍ତାଇବା ଉଚିତ। କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଦେବା ଦରକାର। ଅଟିଜିମ୍ ରୋଗରେ ୧ ବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ତାଙ୍କ ନା ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହିତ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ପାରନ୍ତି ନାହିଁ। ୧ ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି । ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇ ପାରନ୍ତି ନାହିଁ। ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କି ମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନଥାନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ଏଥିନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନସୋରୀ ଇଣ୍ଟିଗ୍ରେସନ୍ ଥେରାପି ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ। ପିଲାଟିକୁ ଓ ପିଲାଟିର ପରିବେଶକୁ ସବୁବେଳେ ପରିଷ୍କାର ରଖନ୍ତୁ। ମା’ମାନେ ନିଜ ହାତଗୋଡ଼ ପରିଷ୍କାର କରି ପିଲାଟିର କାମ କରନ୍ତୁ । ପିଲାଟିର ଜ୍ଞାନେନ୍ଦ୍ରିୟ ବିକାଶ ପାଇଁ ବିଭିନ୍ନ ରଙ୍ଗର ଖେଳନା ଓ ବିଭିନ୍ନ ବାସନା ଜିନିଷ ଦେବେ। ତାକୁ ଗୀତ ଶୁଣାଇବା, ଶିଖାଇବା, ଡ୍ୟାନ୍‌ସ୍ ଦେଖାଇବା ଓ ଶିଖାଇବା ଦରକାର। ପିଲାଟି ଭଲ କାମ କଲେ ତାକୁ ସମସ୍ତଙ୍କ ଆଗରେ ପୁରସ୍କାର ଦେବା ଓ ପ୍ରଶଂସା କରିବା ଉଚିତ। ଯଦି ଖରାପ କାମ କରେ ପୁରସ୍କାର ଦେବେନି ଓ ତା’ର ଦେହ ଓ ମନକୁ ବାଧିଲା ପରି ଦଣ୍ଡ ଦେବେନି। ଏହି ଚିକିତ୍ସା ପଦ୍ଧତି ଦ୍ୱାରା ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା’ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଅନେକ ଉନ୍ନତି ଦେଖାଯାଇଥାଏ । ନୂତନ ଭିନ୍ନକ୍ଷମ ଆଇନ୍ ଅନୁସାରେ ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାମାନଙ୍କୁ ଏବେ ଭିନ୍ନକ୍ଷମ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି । ଯାହା ଫଳରେ ସେମାନେ ଅନେକ ମାତ୍ରାରେ ଉପକୃତ ହୋଇପାରୁଛନ୍ତି।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ୍, କଟକ, ମୋବାଇଲ: ୯୧୩୨୪୩୩୩୩୩

## ୮୬ ବର୍ଷରେ ଓଡ଼ିଶା: ଉତ୍କଳ ଦିବସରେ ସ୍ୱଚ୍ଛ ଓ ସବୁଜ ଓଡ଼ିଶା ସଂକଳ୍ପର ବାର୍ତ୍ତା




ଭୁବନେଶ୍ୱର (ପିଏନ୍): ଅପ୍ରେଲ୍ ପହିଲା, ଉତ୍କଳ ଦିବସ। ୮୬ ବର୍ଷ ତଳେ ଏହି ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ସବୁ ଓଡ଼ିଆଙ୍କ ପାଇଁ ଏହି ଦିନଟି ସ୍ମରଣୀୟ। କାରଣ ଆଜି ଆମେ ଆମର ପରିଚୟ ପାଇଥିଲୁ। ଏହାର ସୁରକ୍ଷା ଓ ପ୍ରଗତି ପାଇଁ ନିଜକୁ ନିୟୋଜିତ କରିବା ପ୍ରତିଟି ଓଡ଼ିଆର କର୍ତ୍ତବ୍ୟ ଓ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ ବେରଙ୍ଗ ମୁରୁଜକୁ ବ୍ୟବହାର କରି ଜନସଚେତନତା ଉଦ୍ଦେଶ୍ୟରେ ତିଆରିଛନ୍ତି ଏକ ସୁନ୍ଦର ସ୍ୱଚ୍ଛ ଓ ସବୁଜିମାମୟ ଓଡ଼ିଶାର ଚିତ୍ର। ଦେଇଛନ୍ତି ସ୍ୱଚ୍ଛତା ଓ ସବୁଜିମାର ବାର୍ତ୍ତା। ସ୍ୱଚ୍ଛ ଓ ସବୁଜିମାଭରା ଓଡ଼ିଶା ନିର୍ମାଣ ପାଇଁ ପ୍ରତିଟି ଓଡ଼ିଆ ଏହି ପୂଣ୍ୟ ଦିବସଟିରେ ସଂକଳ୍ପ ନେବା ପାଇଁ ଶ୍ରୀ ସାହୁ ନିବେଦନ କରିଛନ୍ତି। ସୁଶାନ୍ତ କୁହନ୍ତି ପ୍ରକୃତି ତାର ପ୍ରାକୃତିକ ସମ୍ପଦକୁ ପ୍ରଦାନ କରିବାରେ ଓଡ଼ିଶାକୁ ଅବହେଳା କରିନାହିଁ। ଏହାର ସୁରକ୍ଷା ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ଚିନ୍ତା ଓ ଚେତନାରେ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ତେବେ ଯାଇ ଆମେ ଏକ ସ୍ୱଚ୍ଛ ଓ ସବୁଜ ଓଡ଼ିଶାର ସୂର୍ଯ୍ୟୋଦୟକୁ ଦେଖିପାରିବା ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୦୭

# ମହାଶିବରାତ୍ରୀ ଓ ଶିବ



ଗୋପାଳ ମହାପାତ୍ର

ଶିବ ହେଉଛନ୍ତି ସତ୍ୟ ସନାତନ। ଶିବ ହେଉଛନ୍ତି ସୁନ୍ଦର। ଶିବଙ୍କ ମହିମା ମଧ୍ୟ ଅପାର। ଶିବ ହେଉଛନ୍ତି ଭୋଳାନାଥ। ଯିଏ କୋପ କରେ ତାଙ୍କୁ ବର ଦିଅନ୍ତି ନହେଲେ ତପସ୍ୟାରେ ସନ୍ତୁଷ୍ଟ ହୋଇ ବର ଦିଅନ୍ତି। ସେଇ ପ୍ରଭୁଙ୍କ ପାଇଁ ଉତ୍ସବର ଦିନ ହେଉଛି ମହାଶିବରାତ୍ରୀ।

ମହାଶିବରାତ୍ରୀ ହିନ୍ଦୁମାନଙ୍କର ଏକ ଧାର୍ମିକ ଉତ୍ସବ। ମହାଦେବ ବା ଶିବଙ୍କର ଜନ୍ମୋତ୍ସବ ଭାବେ ଏଇ ଦିନକୁ ପାଳନ କରାଯାଏ। ମହାଶିବରାତ୍ରୀ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଇଥାଏ। ଏହି ଦିନ ଶିବଭକ୍ତ ଓ ଶିବଙ୍କଠାରେ ଶ୍ରଦ୍ଧା ରଖୁଥିବା ଲୋକମାନେ ବ୍ରତ ଉପବାସ କରିଥାନ୍ତି ଏବଂ ଭଗବାନ ଶିବଙ୍କର ଆରାଧନା କରିଥାନ୍ତି। ମହାଶିବରାତ୍ରୀକୁ ନେଇ ଭଗବାନ ଶିବଙ୍କ ସହିତ ଜଡ଼ିତ ଅନେକ ମାନ୍ୟତା ପ୍ରଚଳିତ ଅଛି। ମାନ୍ୟତା ରହିଛି ଯେ, ଏହିଦିନ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିଥିଲେ ଓ ତୃତୀୟ ନେତ୍ର ଖୋଲିଥିଲେ। ତୃତୀୟ ନେତ୍ରର ଜ୍ୱାଳାରେ ବ୍ରହ୍ମାଣ୍ଡ ଭସ୍ମୀଭୂତ ହୋଇଯାଇଥିଲା। ଭାରତର ଅନେକ ଅଞ୍ଚଳରେ ଏହିଦିନକୁ ଭଗବାନ ଶିବଙ୍କ ବିବାହ ସହ ଯୋଡ଼ାଯାଇଥାଏ। ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ମାସରେ ଏକ ଶିବରାତ୍ରୀ ହୋଇଥାଏ। କିନ୍ତୁ ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରୀ ପାଳିତ ହୋଇଥାଏ। ଏହା ହେଉଛି ଭୋଳାନାଥ ଶିବଙ୍କ ଆରାଧନାର ପର୍ବ। ଶବଭକ୍ତମାନେ ପ୍ରଭୁଙ୍କୁ ଆରାଧନା କରି ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି। ମହାଶିବରାତ୍ରୀ ମହାରାତ୍ରୀ ଅଟେ, ଯାହାର ଶିବତତ୍ତ୍ୱ ସହ ଘନିଷ୍ଠ ସମ୍ପର୍କ ରହିଛି। ଅନେକଙ୍କ ମତରେ ଶିବଙ୍କର ନିରାକାରରୁ ସାକାର ରୂପରେ ଅବତରଣ କରିବାର ରାତ୍ରୀକୁ ମହାଶିବରାତ୍ରୀ କୁହାଯାଇଥାଏ। ଏହା କାମ, କ୍ରୋଧ, ଲୋଭ, ମୋହ ଏବଂ ବିକାରରୁ ମୁକ୍ତ କରି ପରମ ସୁଖ ଏବଂ ଶାନ୍ତି ପ୍ରଦାନ କରିଥାଏ। ପୌରାଣିକ ଗ୍ରନ୍ଥ ଅନୁସାରେ ସତୀଙ୍କର ପାର୍ବତୀ ରୂପରେ ପୁନର୍ଜନ୍ମ ହୋଇଥିଲା। ଶିବପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଶିବଙ୍କର ନିରାକାର ରୂପର ପ୍ରତୀକ 'ଲିଙ୍ଗ' ଏହି ପବିତ୍ର ତିଥିର ମଧ୍ୟରାତ୍ରୀରେ ପ୍ରକଟ ହୋଇଥିଲା ଓ ବ୍ରହ୍ମା, ବିଷ୍ଣୁ ସର୍ବପ୍ରଥମେ ଏହାର ପୂଜା କରିଥିଲେ। ଏଣୁ ମାନ୍ୟତା ରହିଛି ଯେ, ଏହିଦିନ ଯିଏ ନିରାହାର ରହି ଭକ୍ତିର ସହ ଶିବଙ୍କର ପୂଜାର୍ଚ୍ଚନା କରେ ତା'ର ମନୋବାଞ୍ଛା ପୂରଣ ହୋଇଥାଏ। ଭୋଳାନାଥ ଶିବଙ୍କୁ ଭକ୍ତିର ସହ ଡାକିଲେ ସେ ପ୍ରସନ୍ନ ହୋଇଯାଇଥାନ୍ତି। ଶିବ ହେଉଛନ୍ତି ସତ୍ୟ ସନାତନ। ସେଇଥିପାଇଁ ତାଙ୍କୁ ଦେବ ଦେବ ମହାଦେବ ବୋଲି କୁହାଯାଏ। ଶିବଙ୍କର ଅନ୍ୟନାମ ହେଉଛି ରୁଦ୍ର। ପ୍ରାଣ ତ ସମସ୍ତଙ୍କର ପ୍ରିୟ। ପରନ୍ତୁ ପୃଥିବୀକୁ ଠିକ୍ ବାଟରେ ଚଳାଇବା ପାଇଁ ସବୁ କଳ୍ପରେ ପ୍ରାଣରୂପି ଶକ୍ତିକୁ ନିଜଠାରୁ ପୃଥକ୍ କରିବା ପାଇଁ ଶିବଙ୍କୁ ରୁଦ୍ର ହେବାକୁ ପଡ଼ିଥାଏ। ନିଃସ୍ୱାର୍ଥ ଭକ୍ତିରେ କେହି ବି ଆକର୍ଷିତ ହୋଇପାରନ୍ତି, କିନ୍ତୁ ଅସୁରଙ୍କ ଭକ୍ତି ଭାବରେ ଆକର୍ଷିତ ହେବାପାଇଁ ତାଙ୍କୁ ଭୋଳାନାଥ ହେବାକୁ ପଡିଥାଏ। ପଦ୍ମଫୁଲରେ ସମସ୍ତେ ଖୁସି ହୁଅନ୍ତି କିନ୍ତୁ ବେଲ ପତ୍ରରେ ଖୁସି ହେଉଥିବା ଦେବତା ଶିବଶମ୍ଭୁ ହୋଇଯାଇଥାନ୍ତି। ଶୀତଳତା ତ ସମସ୍ତଙ୍କର ପ୍ରିୟ। କିନ୍ତୁ ଶୀତଳତାକୁ ବଜାୟ ରଖିବା ପାଇଁ ତାଙ୍କୁ ମସ୍ତକରେ ଧାରଣ କରିଥିବା ଶିବ ଚନ୍ଦ୍ରଶେଖର ପାଲଟି ଯାଇଥାନ୍ତି। ଗଙ୍ଗା ନଦୀର ଚଞ୍ଚଳତା ସମସ୍ତଙ୍କୁ ମୁଗ୍ଧ କରିଥାଏ। କିନ୍ତୁ ଗଙ୍ଗା ପୃଥିବୀରେ ଅବତାରଣ କରିବା ପାଇଁ ତା'ର ବେଗକୁ ଜଟାରେ ଧାରଣ କରିଥିବା ଶିବଙ୍କ ଅନ୍ୟନାମ ହେଉଛି ଗଙ୍ଗାଧର। ସୁନ୍ଦର ପଶୁ ଓ ପକ୍ଷୀ ତ ସମସ୍ତଙ୍କର ପ୍ରିୟ। କିନ୍ତୁ ସମସ୍ତେ ହେୟ ଓ ଭୟ ଭାବରେ ଦେଖୁଥିବା ସର୍ପକୁ ନିଜର ବେକରେ ଧାରଣ କରିଥିବା କାରଣରୁ ଶିବଙ୍କୁ ପଶୁପତିନାଥ ବି କୁହାଯାଏ।

ପୁଷ୍ପର ଆଭୁଷଣ ସମସ୍ତେ ଗ୍ରହଣ କରନ୍ତି। କିନ୍ତୁ ମନୁଷ୍ୟ ମୃତ୍ୟୁ ପରେ ତା'ର ଶବର ପାଉଁଶକୁ ବୋଳି ହେଉଥିବା ପ୍ରଭୁ ଶିବଙ୍କୁ ଦେବ ଦେବ ମହାଦେବ ବୋଲି କୁହାଯାଏ। ଅମୃତ ପାନ କରିବା ପାଇଁ ସମସ୍ତେ ଚାହାଁନ୍ତି କିନ୍ତୁ ସମଗ୍ର ଜଗତର ମଙ୍ଗଳ ପାଇଁ ବିଷପାନ କରିଥିବା ଶିବଙ୍କୁ ନୀଳକଣ୍ଠ ହେବାକୁ ପଡ଼ିଥିଲା। ମିତ୍ରର ରକ୍ଷା ପାଇଁ ବଚନବଦ୍ଧ ଶିବ ଅଧର୍ମୀ ବାଣାସୁରର ସୁରକ୍ଷା ପାଇଁ କୃଷ୍ଣଙ୍କ ସହ ଯୁଦ୍ଧ କରିଥିଲେ, ସେଇ ହେତୁ ତାଙ୍କୁ ଶଙ୍କର ନାମ ମହିବାକୁ ପଡ଼ିଲା। ଭବିଷ୍ୟତ ସମ୍ପର୍କରେ ଜାଣି ମଧ୍ୟ କିଏ ଅଣଦେଖା କରିଥାଏ କି ? କିନ୍ତୁ ତ୍ରିକାଳଦର୍ଶୀ ହୋଇ ମଧ୍ୟ ଦକ୍ଷ ଯଜ୍ଞରେ ଯୋଗଦେବା ପାଇଁ ଯାଇଥିବା ଶିବଙ୍କର ଅନ୍ୟନାମ ଶିବପ୍ରିୟ ଅଟେ। କାଳକୁ କିଏ ଜିତିପାରେ କିନ୍ତୁ ଭକ୍ତ ମାର୍କଣ୍ଡେୟର ପ୍ରାଣ ନେବା ପାଇଁ ଯମଙ୍କୁ ଭସ୍ମ କରିଦେବା ପାଇଁ ପ୍ରଭୁ ଶିବ ମହାକାଳ ପାଲଟିଥିଲେ। ମଣିଷମାନେ ତ ଅନେକ ଦେବାଦେବୀଙ୍କୁ ପୂଜା କରନ୍ତି ଓ ମଣିଷକୁ ଅନେକ ଦେବତା ମିଳିଯିବେ ହେଲେ ନିଶାଚରମାନଙ୍କୁ ଆପଣେଇବା ପାଇଁ ମହେଶ ହୋଇଥିଲେ ଶିବ। ସମସ୍ତେ ଦିନେ ନା ଦିନେ ଶବ ପାଲଟିଥାନ୍ତି। କାଳୀମାତାଙ୍କୁ ଶାନ୍ତ କରିବା ପାଇଁ ପ୍ରଭୁ ନିଜେ ଶବ ପାଲଟିଥିଲେ। ଯିଏ କାର୍ତ୍ତିକେୟଙ୍କର ମୟୂର ଏବଂ ତାଙ୍କ ସାପ ମଧ୍ୟରେ ମିତ୍ରତା ଶିଖାଇଥିଲେ ସେ ହେଉଛନ୍ତି ଶିବ । ଯିଏ ନନ୍ଦୀ ଏବଂ ଗିରିଜା (ମାତା ପାର୍ବତୀ)ଙ୍କ ସିଂହ ମଧ୍ୟରେ ଶତ୍ରୁତାକୁ ଭୁଲାଇ ଦେଇପାରନ୍ତି ସେ ହେଉଛନ୍ତି ମହାଦେବ। ଭାଙ୍ଗ ଯାହାଙ୍କର ପ୍ରିୟ, ଦୁଗ୍ଧ ମଧ୍ୟ ପ୍ରିୟ, ବିଷ ମଧ୍ୟ ପ୍ରିୟ ସେ କେବଳ ଶିବ ହୋଇପାରନ୍ତି। ନୃତ୍ୟ ଯାହାଙ୍କର, ସଙ୍ଗୀତ, ରାଗ ମଧ୍ୟ ଯାହାଙ୍କର ପ୍ରିୟ, ବୈରାଗ୍ୟ ମଧ୍ୟ ପ୍ରିୟ ସେ ହିଁ ମହାଦେବ ହୋଇପାରନ୍ତି। ଶିବ ହେବା ସହଜ ନୁହେଁ, ସବୁ ସମୟରେ ତ୍ୟାଗ ଏବଂ ବଳିଦାନ ଦେବାକୁ ପଡିଥାଏ।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ବିଧାନସୌଧରେ 'ପାକ୍ -ଜିନ୍ଦାବାଦ' ସ୍ଲୋଗାନ

ସୌମେନ୍ଦ୍ର ଜେନା

ଭାରତର ଦେଶ ବିଭାଜନ ଧର୍ମକୁ ଆଧାର କରି ହୋଇଥିଲେ ହେଁ ପାକ୍ ସମର୍ଥକଙ୍କୁ ପାକିସ୍ଥାନକୁ ଯିବାପାଇଁ ତତ୍‌କାଳୀନ କଂଗ୍ରେସ ଚାହୁଁ ନଥିବାରୁ ସଂଖ୍ୟାଧିକ ପାକ୍ ସମର୍ଥକ ଭାରତରେ ରହିଥିଲେ । ସେମାନଙ୍କ ପିଢି ପରେ ପିଢି ଆଜିଯାଏ ଭାରତ ମଧ୍ୟରେ ବସବାସ କରୁଥିଲେ ହେଁ ହୃଦୟକୁ ପାକ୍‌ଚରଣରେ ହିଁ ସମର୍ପିତ କରିଆସିଛନ୍ତି । ଦେବ ଆରାଧାନାକୁ ବନ୍ଦ କରିବାକୁ ଚାହୁଁଥିବା ଦେଓବନ୍ଦ ଯେମିତି ଅତୀତରେ ପାକ୍‌ଗଠନର ମୂଳଭି ି ପକାଇଥିଲା, ଏବେ ମଧ୍ୟ ଭାରତରେ ଅଧିକ ସଂଖ୍ୟକ ପାକ୍ ଗଠନର କାର୍ଯ୍ୟ କରିଆସିଛି । ନିକଟରେ ଦେଶ ବିରୋଧୀ ଫତୱା ଜାରି ହେବା ତାର ଏକ ସ୍ପଷ୍ଟ ପ୍ରମାଣ । ଠିକ୍ ସେମିତି ଦେଶ ବିଭାଜନ ସପକ୍ଷରେ ଭୋଟ ଦେଇଥିବା ଦକ୍ଷିଣ ଭାରତର ସଂଖ୍ୟାଧିକ ଲୋକେ ଆଦୌ ପାକ୍‌କୁ ଯାଇନଥିଲେ ମଧ୍ୟ ପାକ୍ ପ୍ରେମକୁ ଆଜିଯାଏଁ ମଜଭୁତ କରି ରଖି ଆସିଛନ୍ତି । କେବେ ସିମି, କେବେ ଇଣ୍ଡିଆନ ମୁଜାହିଦ୍ଦିନ, କେବେ ପିଏଫ୍‌ଆଇ, କେବେ ପିଡିଏଫ୍‌ଆଇ, ଇଣ୍ଡିଆନ ମୁସଲିମ ଲିଗ୍ ନାମକ ସଂଗଠନ ଆଢୁଆଳରେ ଦେଶ ବିରୋଧୀ କାର୍ଯ୍ୟ ଏପର୍ଯ୍ୟନ୍ତ ଜାରି ରଖିଛନ୍ତି । ଏମାନଙ୍କର ପ୍ରବେଶ ଭିନ୍ନ ଭିନ୍ନ ରାଜନୈତିକ ଦଳରେ ହୋଇଛି । ଚଳିତ ଫେବୃଆରୀ ମାସ ୨୭ତାରିଖ ଦିନ ସେମିତି ଏକ ଘଟଣା କର୍ଣ୍ଣାଟକର ବିଧାନସୌଧଠାରେ ଘଟିଛି । ବେଙ୍ଗାଲୁରୁସ୍ଥିତ ବିଧାନସୌଧ ପରିସରରେ କଂଗ୍ରେସର ତିନିଜଣ ନବନିର୍ବାଚିତ ରାଜ୍ୟସଭା ସାଂସଦ ସେମାନଙ୍କ ସମର୍ଥକମାନଙ୍କ ସହ ଆନନ୍ଦୋତ୍ସବରେ ଥିଲାବେଳେ ସେମାନଙ୍କ ମଧ୍ୟରୁ ଜଣେ ନାସିର ହୁସେନଙ୍କ ସମର୍ଥକମାନେ "ପାକିସ୍ଥାନ ଜିନ୍ଦାବାଦ" ସ୍ଲୋଗାନ ଦେଇଥିଲେ ବୋଲି ଏକ ଅଭିଯୋଗପତ୍ର ବିଧାନସୌଧ ପୁଲିସ ଥାନାରେ ଦାଖଲ କରାଯାଇ ତିନିଜଣଙ୍କୁ ଗିରଫ କରାଯାଇଛି । ରାଜ୍ୟସଭା ପାଇଁ ଭୋଟଗଣତି ସମୟରେ ନାସିରଙ୍କ ଅନେକ ସମର୍ଥକ ବିଧାନସୌଧ ପରିସର ମଧ୍ୟରେ ରହିଥିଲେ, ଯେଉଁମାନେ ନାସିରଙ୍କ ବିଜୟରେ ଉତ୍‌ଫୁଲ୍ଲିତ ହୋଇ ନାସିରଙ୍କ ବିଜୟକୁ ପାକ୍‌ର ବିଜୟ ବୋଲି କହିବାକୁ ପଛାଇଲେ ନାହିଁ । ବିଗତ ଦିନମାନଙ୍କରେ ସିଦ୍ଧରମେୟାଙ୍କ ସରକାର କର୍ଣ୍ଣାଟକରେ ଆସିବା ପରଠାରୁ ଭାରତ ବିରୋଧୀ ଶକ୍ତିଗୁଡିକର ସାହସ ବଢିବା ଦେଖାଯାଇଛି । କର୍ଣ୍ଣାଟକ ବିଧାନସଭାରେ ବିଧାୟକ ବିକେ ହରିପ୍ରସାଦ ନିକଟରେ କହିଥିଲେ ଯେ "ପାକିସ୍ଥାନ ଭାରତୀୟ ଜନତା ପାର୍ଟି ପାଇଁ ଶତ୍ରୁରାଷ୍ଟ୍ର,ଆମ ପାଇଁ ନୁହେଁ ।" ଏହାର ଉ ରରେ କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ଉପନେତା ଅରବିନ୍ଦ ବେଲ୍ଲାଡ କହିଛନ୍ତି, "ଭାରତ ଓ ଭାରତୀୟଙ୍କ ପାଇଁ ପାକିସ୍ଥାନ କଣ କରିଛି ତାହା ଆମ ସମସ୍ତଙ୍କୁ ଜଣାଅଛି । ଏଥିରୁ କଂଗ୍ରେସର ମାନସିକତା ଜଣାପଡୁଛି । ସଂଖ୍ୟାଲଘୁ ଏବଂ ମୁସଲିମ ସନ୍ତୁଷ୍ଟିକରଣ କରି ଭୋଟ ପାଇଁ କଂଗ୍ରେସ ଯେ କୌଣସି କାର୍ଯ୍ୟ କରିପାରେ ।" ସେହିପରି ଅନ୍ୟ ଏକ ଘଟଣା ୧ ମାର୍ଚ୍ଚ ୨୦୨୪ ଖରାବେଳେ ବେଙ୍ଗାଲୁରେ ଘଟିଛି । ଶୁକ୍ରବାର ଦିନ ବେଙ୍ଗାଲୁରୁର ହ୍ୱାଇଟଫିଲ୍ଡ ଅ ଳରେ 'ଦି ରାମେଶ୍ୱରମ୍ କେଫ୍' ନାମକ ଏକ ଜଳଖିଆ ଦୋକାନରେ ଦୁଇଦୁଇଥର ବିସ୍ଫୋରଣ ହେବା ଯୋଗୁ ୯ଜଣ ଗ୍ରାହକ ଆହତ ହୋଇ ସ୍ଥାନୀୟ ବ୍ରୁକସଫିଲ୍‌ଡ ଡାକ୍ତରଖାନାରେ ଭ ି ହୋଇଛନ୍ତି ।ଏହି ଘଟଣାରେ ଆଇଇଡି ବିସ୍ଫୋରକ ବ୍ୟବହାର କରାଯାଇଥିବା ଜଣାପଡିଛି । ଗ୍ରାହକଭାବେ କେଫ୍‌କୁ ଖାଇବାକୁ ଆସିଥିବା ଜଣେ ଗ୍ରାହକ ସାଙ୍ଗରେ ଆଣିଥିବା ଦୁଇଟି ପ୍ୟାକେଟକୁ କେଫ୍‌ରେ ଛାଡି ଚାଲିଯାଇଥିଲା, ଯାହା ଅଳ୍ପ ସମୟ ବ୍ୟବଧାନରେ ଦୁଇଥର ବିସ୍ଫୋରଣ ଘଟାଇଥିଲା । ଏହି ଘଟଣାପରେ ବିରୋଧୀଦଳ ନେତା ଏ ଅଶୋକ କହିଛନ୍ତି "ଯେବେ ଯେବେ କଂଗ୍ରେସ ଦଳ ସରକାରକୁ ଆସିଥାଏ, ସନ୍ତ୍ରାସବାଦୀ ଓ ବିରୋଧୀ ଶକ୍ତି ନିଜକୁ ଶକ୍ତିଶାଳୀ ମନେ କରିଥାନ୍ତି । କଂଗ୍ରେସ କର୍ଣ୍ଣାଟକରେ ଲୋକଙ୍କ ସୁରକ୍ଷାର ଗ୍ୟାରେ ି ଦେବା ଆବଶ୍ୟକ । କାରଣ ରାଜ୍ୟରେ କ୍ଷମତାକୁ ଫେରିବାପରେ କଂଗ୍ରେସ ସରକାର ପୂର୍ବରୁ ଗିରଫ ହୋଇ ରହିଥିବା ଅନେକ ଉଗ୍ରବାଦୀ ଗୋଷ୍ଠୀର ଲୋକଙ୍କୁ ଜେଲରୁ ମୁକ୍ତ କରିଛି । ପିଏଫ୍‌ଆଇ ଗୋଷ୍ଠୀର ଲୋକଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଆଇନକୁ ହୁଗୁଳା କରିଛି । କର୍ଣ୍ଣାଟକରେ ସରକାର କେବଳ ଯେ ଏତିକିରେ ସୀମିତ ରହିଛି ତା ନୁହେଁ । ତୃଷ୍ଟିକରଣ ରାଜନୀତି କରିବାକୁ ଯାଇ ପାକ୍ ସମର୍ଥକ ଓ ଭାରତ ବିରୋଧୀଙ୍କୁ ସଂଗଠିତ କରିବାରେ ଲାଗିଛି । କେନ୍ଦ୍ର ସରକାରଙ୍କୁ ବିରୋଧ କରିବାକୁ ଚେଷ୍ଟା କରି ଦେଶ ବିରୋଧୀ ସ୍ତରକୁ ମଧ୍ୟ ଯିବାକୁ ପଛାଇନାହିଁ ।" ବିଗତ ଦିନରେ ତାମିଲନାଡୁର ସରକାର ଯେପରି ଦକ୍ଷିଣ ଭାରତର ସ୍ୱତନ୍ତ୍ରତା, ହିନ୍ଦୀ ବନାମ ତାମିଲ, ବ୍ରାହ୍ମଣ ବନାମ ଦ୍ରାବିଡ, ରାମ ବନାମ ରାବଣ ବିଚାରକୁ ପ୍ରାଧାନ୍ୟ ଦେଇ ଆସିଛି, ଠିକ୍ ସେହି ମାର୍ଗରେ କର୍ଣ୍ଣାଟକ ସରକାର ଆଗକୁ ଯାଉଥିବା ଦେଖିବାକୁ ମିଳିଛି । ନିକଟରେ ୨୪-୨୫ ଫେବୃଆରୀ ୨୦୨୪ରେ ବେଙ୍ଗାଲୁରୁଠାରେ କର୍ଣ୍ଣାଟକ ସରକାର ସମ୍ବିଧାନର ଭବିଷ୍ୟତ ସଂକ୍ରାନ୍ତରେ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ । ସେହି ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିବା ଲାଗି ବ୍ରିଟେନର ୱେଷ୍ଟ ମିନିଷ୍ଟରର ଜଣେ ଅଧ୍ୟାପିକା ଓ ବ୍ରିଟେନର ନାଗରିକ ନିତାଶା କାଉଲକୁ ନିମନ୍ତ୍ରଣ କରିଥିଲେ । ୨୨ ଫେବୃଆରୀ ଦିନ ନିତାଶା ବେଙ୍ଗାଲୁରୁ ବିମାନବନ୍ଦରରେ ପହ ବା ପରେ ତାକୁ ବିଦେଶ ଫେରିଯିବା ଲାଗି କୁହାଯାଇଥିଲା । କେନ୍ଦ୍ର ସରକାର ଭାରତରେ ତାଙ୍କ ପ୍ରବେଶ ଚାହୁଁ ନଥିବା କୁହାଯାଇଥିଲା ।

ଦେଖିବାକୁ ଗଲେ ନିତାଶା ଦୀର୍ଘଦିନ ଧରି ଆନ୍ତର୍ଜାତିକ ସ୍ତରରେ ଜଣେ ପାକ୍ ସମର୍ଥକ, ଭାରତ ବିରୋଧୀ, ପାକ୍‌ର କାଶ୍ମୀର ନୀତିର ସମର୍ଥକ ଭାବେ କାର୍ଯ୍ୟ କରିଆସିଛି । ସେ ଆଇଏସ୍‌ଆଇ ଏଜେଣ୍ଡାରେ କାର୍ଯ୍ୟ କରୁଥିବା ଭାରତ ମୂଳର ବିଦେଶୀ ଅଧ୍ୟାପିକା । ତା ନିକଟରେ ଓସିଆଇ କାର୍ଡ (ଭାରତ ମୂଳର ବିଦେଶୀ) ରହିଥିଲା । ଅତୀତରେ ଅତିସ ତାସିର, ଅଶୋକ ସ୍ୱାଇଁଙ୍କୁ ମଧ୍ୟ ଭାରତରେ ପ୍ରବେଶ ଅଧିକାର ମିଳିନଥିଲା । ଆଜି ବିଦେଶରେ ଅନେକ ଭାରତ ମୂଳର ଲୋକ ରହିଛନ୍ତି ଯେଉଁମାନେ ବିଦେଶୀ ସ୍ୱେଚ୍ଛାସେବୀ ସଂଗଠନ, ଭାରତ ବିରୋଧୀ ଗୋଷ୍ଠୀ, ଭାରତ ବିରୋଧୀ ରାଷ୍ଟ୍ରର ପ୍ରରୋଚନାରେ କାର୍ଯ୍ୟ କରୁଛନ୍ତି । ସେଥିପାଇଁ ସେମାନେ ଆର୍ଥିକ ସହାୟତା ମଧ୍ୟ ପାଉଛନ୍ତି । କିନ୍ତୁ ଭାରତରେ ପ୍ରବେଶାଧିକାର ଦେବା କ୍ଷେତ୍ରରେ ଭାରତ ସରକାରଙ୍କ ଅଧିକାର ରହିଛି । ଦେଶର ସମ୍ମାନ ଓ ସ୍ୱାଭିମାନ ଦୃଷ୍ଟିରୁ କୌଣସି ଭାରତ ବିରୋଧୀକୁ ଭାରତରେ ଭାଷଣ ଦେବାଲାଗି ଖୋଲାମେଲା କରି ଛାଡିଦେଇ ହେବନାହିଁ । ନିତାଶା ୧୧ମାର୍ଚ୍ଚ ୨୦୧୭ରେ ନିଜର ଟ୍ୱିଟର ପୃଷ୍ଠାରେ ଲେଖିଥିଲା "ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହେଉଛି ଭାରତର ଏକ ଅର୍ଦ୍ଧସାମରିକ ବାହିନୀ ଯାହା ସନ୍ତ୍ରାସବାଦୀଙ୍କୁ ଜନ୍ମ ଦେଇଥାଏ । ବିଜେପିର ସଦସ୍ୟ ଥିବା ମୋଦୀଙ୍କ ଦଳ ଏହାର ରାଜନୈତିକ ଶାଖା" । ପୂର୍ବରୁ ସେ କାଶ୍ମୀରରେ ଘଟିଥିବା ହିନ୍ଦୁ ନରସଂହାରକୁ "ଇସଲାମିକ କ୍ରାନ୍ତି" ଭାବେ ବର୍ଣ୍ଣନା କରିଥିଲା । ସେ ଗ୍ଲୋବାଲ ସ୍କୁଲରେ ଅଧାପନା କାଳରେ ଛାତ୍ରଛାତ୍ରୀଙ୍କ ପାଇଁ ଭାରତ ବିରୋଧୀ ପାଠ ପ୍ରସ୍ତୁତ କରିଥାଏ । ମଲାଲାର କାଶ୍ମୀର ସଂକ୍ରାନ୍ତରେ ପ୍ରଦ ମନ୍ତବ୍ୟକୁ ନିତାଶା ସେୟାର କରି ସମର୍ଥନ କରିଥିଲା । ୩ ଜୁଲାଇ ୨୦୧୫ରେ ନିତାଶା ନିଜ ଟ୍ୱିଟରରେ ଲେଖିଥିଲା, "ପାଗଳ ଗୋରୁ ରୋଗ, ଆରଏସ୍‌ଏସ୍ ପ୍ରଜାତି" । ନିତାଶା ୧ ନଭେମ୍ବର ୨୦୧୦ରେ ଟ୍ୱିଟରରେ ଲେଖିଥିଲା "ଦାୟିତ୍ୱହୀନ ଗଣମାଧ୍ୟମ, ବିଜେପି, ଆର୍‌ଏସ୍‌ଏସ୍ ଗୁଣ୍ଡା ଓ ହିନ୍ଦୁ ବ୍ରିଗେଡ ହେଉଛନ୍ତି ଭାରତର ସବୁଠୁ ବଡ ସନ୍ତ୍ରାସବାଦୀ ଗୋଷ୍ଠୀ । ଏମାନଙ୍କୁ ଭାରତ ସରକାର ନିନ୍ଦା କରିବା ଦରକାର ।" ଏଥିରୁ ବ୍ରିଟେନ ନାଗରିକ ନିତାଶାର ଭାରତପ୍ରତି ଦୃଷ୍ଟିକୋଣ ବେଶ୍ ସ୍ପଷ୍ଟ । ଦେଶର ରାଜନୈତିକ ଦଳ ପରସ୍ପରକୁ ସମାଲୋଚନା କରିବାକୁ ଯାଇ ଦେଶର ସମାଲୋଚନା ପାଇଁ ବିଦେଶୀଲୋକଙ୍କୁ ଡାକିବା ଆଦୌ ଗ୍ରହଣୀୟ ନୁହେଁ । ଅତୀତରେ ମନମୋହନ ସିଂହ କାଶ୍ମୀରର ସନ୍ତ୍ରାସବାଦୀଙ୍କ ସହ ଫଟୋ ଉଠାଇଥିଲେ । ତାଙ୍କ ସମୟର ଉପରାଷ୍ଟ୍ରପତି ବିଦେଶରେ ଅଧିକାରୀ ଥିଲାବେଳେ ଭାରତର ଗୋଇନ୍ଦା ଅଧିକାରୀଙ୍କୁ ଇରାନ ହାତରେ ବନ୍ଦୀ କରାଇଥିଲେ । ଅତୀତରେ କଂଗ୍ରେସ ସରକାରରେ କେନ୍ଦ୍ର ମନ୍ତ୍ରୀ ହୋଇଥିବା ମଣିଶଙ୍କର ଆୟାର ଲାହୋରରେ କହିଥିଲେ "ମୁଁ ଦେଶର ପରିସ୍ଥିତିରେ ବେଶ ନିରାଶ ହୋଇଛି । ୨୦୧୪ପରେ ସେହି ଦେଶରେ ରହିପାରିବି ବୋଲି ମୋର ମନେ ହେଉନାହିଁ,ଯେଉଁଠି ୧୯୪୧ରେ ଜନ୍ମ ହୋଇଥିଲି, ୬ବର୍ଷ ବୟସରେ ନିଜକୁ ସ୍ୱାଧୀନ ଭାରତର ନାଗରିକ ଅନୁଭବ କରିଥିଲି ।" ନେହେରୁ ଓ ଗାନ୍ଧି ପାକ୍‌ର ସହଯୋଗ ପାଇଁ କେଉଁ ସ୍ତରକୁ ଯାଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଅନାବଶ୍ୟକ ଆର୍ଥିକ ସହଯୋଗ, ଶତ୍ରୁ ସଂପ ିର ସୁରକ୍ଷା, ଶତ୍ରୁ ସଂପ ିକୁ ହାତକୁ ନେଇ ମୁସଲିମ ସଂସ୍ଥାକୁ ସମର୍ପଣ କରିବା ଭଳି କାର୍ଯ୍ୟ କରିଥିଲା ବେଳେ ଆଜି ପାକିସ୍ଥାନରେ ନା ହିନ୍ଦୁ ସଂପ ିର ସୁରକ୍ଷା ମିଳିଛି ନା ହିନ୍ଦୁ ସଂଗଠନକୁ ସୁରକ୍ଷା ମିଳିଛି । ନେହେରୁ ଆଉ ଦୁଇପାଦ ଆଗକୁ ଯାଇ ଚୀନ୍‌କୁ ମିତ୍ରଦେଶ ମନେକରି ସୀମାନ୍ତର ସୁରକ୍ଷାକୁ ଦୁର୍ବଳ କରିଥିଲେ । ଫଳରେ ୧୯୬୨ରେ ଚୀନ ଭାରତର ଅ ଳକୁ ଦଖଲ କଲାପରେ ମଧ୍ୟ ପାର୍ଲିଆମେ ରେ କହିଥିଲେ ଯେ "ଘାସ କଅଁଳୁ ନଥିବା ଅ ଳଗୁଡିକୁ ଚୀନ ମାଡିଥିବା ହେତୁ ଚିନ୍ତା କରିବାର ନାହିଁ ।" ମିତ୍ର ଓ ଶତ୍ରୁ ମଧ୍ୟରେ ଫରକ ଜାଣୁନଥିବା ଏହି ରାଜନେତାମାନଙ୍କ ଅପରିଣାମଦର୍ଶିତା ପାଇଁ ଭାରତ ଆଜିଯାଏ ରକ୍ତାକ୍ତ, କ୍ଷତିଗ୍ରସ୍ତ ହୋଇଆସିଛି । ଏବେ କିନ୍ତୁ ସେମାନଙ୍କ ଷଡଯନ୍ତ୍ରପୂର୍ଣ୍ଣ କାର୍ଯ୍ୟକୁ ଲୋକେ ସମର୍ଥନ କରିବେ ନାହିଁ, ଏହା ନିଶ୍ଚିତ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମୋଦୀଙ୍କ ପରିବାର



ସୌର ଚନ୍ଦ୍ର ମହାପାତ୍ର

ସମଗ୍ର ଭାରତବାସୀ ହେଉଛନ୍ତି ତାଙ୍କ ପରିବାରର। ଏହିପରି ହୃଦୟସ୍ପର୍ଶୀ ଆବେଦନ ରଖିଛନ୍ତି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ବିଜେପିର ମୁଖ୍ୟ ଚେହେରା ଏବଂ ସମଗ୍ର ବିଶ୍ୱର ଅନ୍ୟତମ ପ୍ରଭାବୀ ତଥା ଶକ୍ତିଶାଳୀ ରାଜନେତା କୁହାଯାଉଥିବା ନରେନ୍ଦ୍ର ମୋଦୀ। ଟିକିଏ ପଛର ଆଲୋଚନା ରଖିବା। ୨୦୧୪ ନିର୍ବାଚନ ପୂର୍ବର କଥା। ଉପାସରକାର ଓ କଂଗ୍ରେସ ତମାମ ସରିଜ ଦୁର୍ନୀତିରେ ଛନ୍ଦି ହୋଇଯାଇଥିଲା। ଆନ୍ନା ହଜାରେଙ୍କ ଆନ୍ଦୋଳନକୁ ନେଇ ସମଗ୍ର ଦେଶରେ କଂଗ୍ରେସ ବିରୁଦ୍ଧରେ ଏକ ବଡ଼ ବାତାବରଣ ସୃଷ୍ଟି ହୋଇଥିଲା। ଏହି ସମୟରେ ଭାଜପା ଗୁଜୁରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାମ୍ନାକୁ ଆଣି ପ୍ରଧାନମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିଥିଲା। ଆଉ ଫଳ ଯାହା ହୋଇଥିଲା ତାହା ସମଗ୍ର ଭାରତବାସୀଙ୍କୁ ଜଣା। ତତ୍କାଳୀନ ସମୟରେ କ୍ଷମତାରେ ଅନ୍ଧ ହୋଇଥିବା କଂଗ୍ରେସ କଳ୍ପନା ସୁଦ୍ଧା କରିନଥିଲା ଯେ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଏପରି ଜାତୀୟ ରାଜନୀତିକୁ ପ୍ରଭାବିତ କରିପାରିବେ। ଯାହାପାଇଁ ମୋଦୀଙ୍କ ବିରୁଦ୍ଧରେ କଂଗ୍ରେସ ତାର ସମସ୍ତ କଳ, ବଳ ଓ କୌଶଳକୁ ଏକ ପ୍ରକାର ଜାନରେ ଲଗାଇ ଦେଇଥିଲା। ସାମ୍ପ୍ରଦାୟିକ ନେତା, ମୌତ କି ସୌଦାଗର ଓ ମୁସଲିମଙ୍କ ହତ୍ୟାକାରୀ ଏହିପରି ଭାବେ ଚିତ୍ରଣ କରିଥିଲା। ତାଙ୍କର ଆଉ ଜଣେ ନେତା ମଣିଶଙ୍କର ଆୟାର ପାଦେ ଆଗକୁ ଯାଇ କଂଗ୍ରେସର କାର୍ଯ୍ୟକ୍ରମରେ ଏପରି ଜଣେ ଚା ବିକାଳୀଙ୍କୁ ଡାକିବା ବୋଲି ମଧ୍ୟ ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏପରି ନେଗେଟିଭ ପ୍ରଚାର ପ୍ରକାରାନ୍ତରେ ବିଜେପି ଓ ମୋଦୀଜିଙ୍କୁ ହିଁ କ୍ଷତି ତ କରିନଥିଲା ବରଂ ସାହାଯ୍ୟ କରିଥିଲା ଯାହାଦ୍ୱାରା ମୋଦିଜୀଙ୍କ ନିଜସ୍ୱ ପ୍ରଭାବ, ବ୍ୟକ୍ତିତ୍ୱ ଓ ସାଂଗଠନିକ ଦକ୍ଷତା ସହ ଭାରତୀୟଙ୍କ ପ୍ରତି ଭଲପାଇବା ଫୁଟି ଉଠିଥିଲା। ୨୦୧୪ ନିର୍ବାଚନରେ ଏନଡିଏକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳି ଭାଜପା ଶାସନକୁ ଆସିଥିଲା। କଂଗ୍ରେସର ଚା ବାଲାର ଆକ୍ଷେପର ଜବାବରେ ଭାଜପା 'ମେଁ ହୁଁ ଚାୟେ ବାଲା' ଦେଶ ସାରା ଏପରି କଡ଼ା ବାର୍ତ୍ତା ସୃଷ୍ଟି କରିଥିଲା ଯେ କଂଗ୍ରେସ ଚିତପଟାଙ୍ଗ ମାରିଥିଲା। ସେହିପରି ୨୦୧୯ ନିର୍ବାଚନ ପୂର୍ବରୁ ଅପରିପକ୍ୱ ରାଜନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ କରିଥିଲା 'ଚୌକିଦାର ଚୋର ହୈ'। ଦେଶ ସାରା 'ମେଁ ଭି ଚୌକିଦାର ହୁଁ' ଅଭିଯାନ ଆରମ୍ଭ କରିଥିଲା ବିଜେପି। ସୋସିଆଲ ମିଡ଼ିଆରେ ଏହା ଏପରି ଭାଇରାଲ ହେଲା ଯେ ନିର୍ବାଚନରେ ମୋଦୀ ଜଣେ ବଡ଼ ଫିଗର ଭାବେ ଉଭା ହେଲେ। ଯାହାର ଫଳସ୍ୱରୂପ ପ୍ରଚଣ୍ଡ ବହୁମତରେ ଭାଜପା କେନ୍ଦ୍ରରେ ସରକାର ଗଢ଼ିଲା। ସମାଲୋଚନାକୁ କିପରି ପରିବର୍ତ୍ତନ କରିହୁଏ ଏବଂ ସମାଲୋଚନାକୁ ସହ୍ୟ କରି ଦେଶ ସେବା ପାଇଁ ଜଣେ ବ୍ରତୀ କରିପାରେ ଏହାର ବଡ଼ ପ୍ରମାଣ ନରେନ୍ଦ୍ର ମୋଦିଜୀ। ଏବେ ଲାଲୁଙ୍କ ପରି ଜଣେ ଅଭିଜ୍ଞ ନେତା ମୋଦୀଙ୍କ ପରିବାରବାଦ ଉପରେ ଅପଚେଷ୍ଟା କରିଥିଲେ। କିନ୍ତୁ ଏହି ସ୍ଲୋଗାନକୁ ଭାଜପା ନିଜର ଭୋଟ ଟ୍ରେଲରରେ ପହଞ୍ଚାଇ ଦେଇଛି। ସୋସିଆଲ ମିଡ଼ିଆରେ ମୋଦୀକା ପରିବାର ଏକ ନୂଆ ଟ୍ରେଣ୍ଡରେ ପରିଣତ ହୋଇଛି। ଏହାର ଜବାବ ଦେବାକୁ ଯାଇ ତେଲେଙ୍ଗାନା ସଭାରେ ମୋଦିଜୀ କହିଛନ୍ତି ଦେଶର ୧୪୦ କୋଟି ଲୋକ ତାଙ୍କ ପରିବାର। ଏହାଦ୍ୱାରା ବିରୋଧୀଙ୍କ ବିରୁଦ୍ଧରେ ନିଜେ ସୃଷ୍ଟି କରିଥିବା ପରିବାରବାଦ ଅସ୍ତ୍ରକୁ ସୁନ୍ଦର ଭାବେ ପ୍ରୟୋଗ କରିଦେଲେ ମୋଦିଜୀ। ଏହାସହ ସାଧାରଣ ଜନତାଙ୍କୁ ମୋଦିଜୀ ପରିବାର ସହ ଯୋଡ଼ିବାର ଏକ ବଡ଼ ଅଭିଯାନ ଆରମ୍ଭ ହୋଇଗଲା ।ଅଗଲି ବାର ଚାରିଶହ ପାର ଏନଡିଏ ପାଇଁ ଏହି ଚାରିଶହ ବିଜୟ ସମ୍ଭାବନା ସୃଷ୍ଟି କରିଛି ଭାଜପା। ମାନସିକ ସ୍ତରରେ ଦୁର୍ବଳ ଥିବା ଭାରତର ବିରୋଧୀ ଦଳ ନିଜର ଅସ୍ତିତ୍ୱକୁ ନେଇ ବିକଳ ହେଉଥିବାବେଳେ ଭାଜପାର ରଣକୌଶଳ ଆଗରେ ସେମାନେ ଛନ୍ଦି ହୋଇପଡୁଛନ୍ତି ମୋଦିଜୀଙ୍କ ପରିବାର ଏମିତି ଏକ ଅସ୍ତ୍ର ଯାହାର ଜବାବ ବିରୋଧୀ ଦଳ ପାଖରେ ନାହିଁ। ମୋଦୀ ସରକାରଙ୍କ କୌଣସି ଏପରି ନୀତି ନାହିଁ ଯାହାକୁ ହୁଏତ ବିରୋଧୀ ଦଳ ପ୍ରଭାବିତ କରିପାରିବେ। ବିଶ୍ୱ ଗୁରୁ ଭାବେ ଭାରତ ଆଜି ଯେଉଁପରି ଭାବରେ ପରିଚିତ ହେଲାଣି ଏବଂ ମୋଦିଜୀ ଲଗାତାର ଭାବେ ବିଶ୍ୱର ପ୍ରଭାବଶାଳୀ ଓ ସର୍ବମାନ୍ୟ ନେତା ଭାବେ ବିଶ୍ୱବାସୀଙ୍କ ସାମ୍ନାରେ ପରିଚିତ ହେଲେଣି ଏହା ହିଁ ଭାରତର ବହୁତ ବଡ଼ ସମ୍ମାନ। ଭାରତର ଅଭିବୃଦ୍ଧି ଭାରତର ବିକାଶ ହେଉଛି ମୋଦିଜୀଙ୍କ ମୁଖ୍ୟ ଏଜେଣ୍ଡା। ତେଣୁ ଅଗଲି ବାର ଚାରଶହ ପାର ଭାଜପା ପାଇଁ କିଛି ବଡ଼ ଯୋଜନା ନୁହଁ। ସମଗ୍ର ଭାରତୀୟଙ୍କୁ ଭଲ ପାଉଥିବା, ଭାରତୀୟଙ୍କ ପାଇଁ ପ୍ରତି ମୁହୂର୍ତ୍ତ କାର୍ଯ୍ୟ କରୁଥିବା ଏବଂ ସମଗ୍ର ଭାରତବାସୀ ହିଁ ମୋଦିଜୀଙ୍କ ପରିବାରର ଏହି ସତ୍ୟକୁ ସମସ୍ତେ ଗ୍ରହଣ କରିବା ଉଚିତ।

***ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬***
***'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ***

# ସଫଳତାରେ ମିଶନ ଶକ୍ତି ବଜାର



ବିପିନ ବିହାରୀ ରାଉତ

ସ୍ୱୟଂ ସହାୟକ ସଂଗଠନକୁ ଏମଏସଏମଇରେ ପରିଣତ କରି ମହିଳା ମାନଙ୍କୁ ରୋଜଗାରକ୍ଷମ କରିବା ସହ ସେମାନଙ୍କୁ ନିଜ ଗୋଡ଼ରେ ଛିଡ଼ା କରାଇ ଆର୍ଥିକ ସାମାଜିକ ସୁଦୃଢ଼ କ୍ଷେତ୍ର ପାଇଁ ରାଜ୍ୟ ସରକାର ପ୍ରାଥମିକ ଲକ୍ଷ୍ୟ ରଖି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମହିଳାମାନେ ରୋଜଗାରକ୍ଷମ ହେଲେ ଅନ୍ୟ ମାନଙ୍କୁ ମଧ୍ୟ ରୋଜଗାର ଦେଇପାରିବେ। ସେମାନେ ଆର୍ଥିକ ଓ ସାମାଜିକ ସ୍ତରରେ କିଭଳି ପ୍ରତିଷ୍ଠିତ ହୋଇ ନିଜର ନିଜ ପରିବାରର ଆଉ ସମାଜର ସର୍ବବିଧ ମଙ୍ଗଳ କାମନାରେ ବ୍ରତୀ ରହିପାରିବେ ଏ ନେଇ ସରକାର ସମସ୍ତ ସୁଯୋଗ ସୁବିଧା ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ୨୦୦୧ ମସିହାର କଥା। ସେ ସମୟରେ ରାଜ୍ୟ ସରକାର ମିଶନ ଶକ୍ତିର ଯେଉଁ ଛୋଟିଆ ଯୋଜନା ଓ ପରିକଳ୍ପନା ରଖିଥିଲେ ତାହା ଆଜି ବିରାଟ ଦ୍ରୁମରେ ପରିଣତ ହୋଇଛି। କେବଳ ସମ୍ଭାବନା ନୁହେଁ ସତ୍ୟ ହିଁ ପ୍ରମାଣିତ ହୋଇଛି। ଆଜି କେବଳ ରାଜ୍ୟ ଭିତରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମିଶନ ଶକ୍ତିର ବିକାଶ ପହଞ୍ଚି ପାରିଛି। ଚାରି କାନ୍ଥର ଘର ଭିତରେ, ଚୁଲି ଚଟୁ ଧରି ଘର ସଂସାରର ଅଳି ଅର୍ଦ୍ଦଳୀ ଭିତରେ ଜୀବନ କଟାଉଥିବା ମହିଳାମାନେ ଆଜି ଦେଶ ବାହାରକୁ ଯାତ୍ରା କରିପାରୁଛନ୍ତି। ସେମାନଙ୍କ ହାତ ତିଆରି ସାମଗ୍ରୀ କେବଳ ଓଡ଼ିଶାର ଘରେ ଘରେ ନୁହଁ ଭାରତର ଅନେକ ପରିବାରରେ ଏପରିକି ଭାରତ ବାହାରରେ ମଧ୍ୟ ଏହାର ଆକର୍ଷଣ ପହଞ୍ଚି ପାରୁଛି। ମହିଳା ମାନଙ୍କର ବିକାଶର ଏହି ଯାତ୍ରାକୁ ଆହୁରି ସୁଦୃଢ଼ ଓ ସଶକ୍ତ କରିବା ପାଇଁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ ପ୍ରୋଜେକ୍ଟ ମିଶନ ଶକ୍ତି ବଜାର ପରିକଳ୍ପନା ବାସ୍ତବତାର ରୂପ ନେବାକୁ ଯାଉଛି। ଏହି ମିଶନ ଶକ୍ତି ବଜାରରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କ ହାତ ତିଆରି ଉତ୍ପାଦ ବର୍ଷ ତମାମ ଉପଲବ୍ଧ ହେବ। ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ମାଆ ମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ, ସ୍ୱାସ୍ଥ୍ୟଭିତ୍ତିକ ଓ ସ୍ଥାନୀୟ ତଥା ଗ୍ରାମୀଣ ଉତ୍ପାଦ ଠାରୁ ଆରମ୍ଭ କରି ଜଙ୍ଗଲଜାତ ଓ ବିଭିନ୍ନ କୃଷିଜାତ ଦ୍ରବ୍ୟ ହାତ ପାହାନ୍ତାରେ ମିଳିବ। ଏହାର ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡିଂ କରାଯାଇ ବିକ୍ରିବଟା କରାଯିବ। ପ୍ରାଥମିକ ଭାବେ ଖୋର୍ଦ୍ଧାର ମାତୃଶକ୍ତି ଫାର୍ମାସ ପ୍ରଡ୍ୟୁସର କମ୍ପାନୀ ଏହାକୁ ପରିଚାଳନା କରିବ। ଏହି ମିଶନ ଶକ୍ତି ବଜାରର ସବୁଠାରୁ ଆକର୍ଷଣୀୟ ହେବ ଏଠାରେ ଜଣେ ଘରୋଇ ଠାରୁ ତାଙ୍କ ନିତ ବ୍ୟବହାର୍ଯ୍ୟ ଆବଶ୍ୟକୀୟ ସବୁ କିଛି ପାଇପାରିବେ। ଖାଦ୍ୟ ସାମଗ୍ରୀ ଠାରୁ ଘର କରଣା ଜିନିଷ, ପ୍ରସିଦ୍ଧ କନ୍ଧମାଳର ଜୈବ ହଳଦୀ ଠାରୁ କୋରାପୁଟ କଫି, ଷ୍ଟ୍ରବେରୀ, ହଳଦୀ, ବଡ଼ି, ଆଚାର, ପାମ୍ପଡ଼, ମହୁ, ବିଭିନ୍ନ ମସଲା, ଝୋଟ ସାମଗ୍ରୀ, ସବାଇ ହସ୍ତଶିଳ୍ପ, ବିଭିନ୍ନ ହସ୍ତଶିଳ୍ପ, ହସ୍ତତନ୍ତ ଆଉ କାଇଁଚରୁ ତିଆରି ବିଭିନ୍ନ ସାମଗ୍ରୀ ପ୍ରମୁଖ। ଏହାସହ ବିଭିନ୍ନ ଜିଲ୍ଲାର ସ୍ଥାନୀୟ ଅଞ୍ଚଳର ଦେଶୀ ଓ ପ୍ରସିଦ୍ଧ ଖାଦ୍ୟ ଏଠାରେ ମିଳିପାରିବ। କେନ୍ଦ୍ରାପଡ଼ାର ରସାବଳୀ ହେଉ ବା ନିମାପଡ଼ା ଛେନା ଚିଲ୍ଲୀ। ମାଆ ମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରିବଟା ଓ ମାର୍କେଟ ଲିଙ୍କେଜ ପାଇଁ ଓଡ଼ିଶା ଜୀବିକା ମିଶନ ଓ ଓରମାସ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ଏହି ବଜାରରେ ସ୍ୱୟଂ ସହାୟକ ସଂଗଠନର ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ କରାଯିବ ଯେ କୌଣସି ସମୟରେ ଗ୍ରାହକମାନେ ମିଶନ ଶକ୍ତି ବଜାର ଯାଇ ମାଆ ମାନଙ୍କ ହାତ ତିଆରି ଆକର୍ଷଣୀୟ ଘରୋଇ ଜିନିଷ କିଣିବା ସାଙ୍ଗକୁ ବୁଲି ଦେଖି ଅନେକ ତଥ୍ୟ ବୁଝିପାରିବେ। ଉଭୟ ଅନଲାଇନ ଓ ଅଫଲାଇନ ଦ୍ୱାରା ଏହି ସାମଗ୍ରୀ ବିକ୍ରିର ବ୍ୟବସ୍ଥା ରହିଛି। ବିକ୍ରିବଟା ପରେ ଲାଭାଂଶ ସିଧାସଳଖ ସ୍ୱୟଂ ସହାୟକ ସଂଗଠନଙ୍କ ବ୍ୟାଙ୍କ ଖାତାକୁ ଯିବ। ରାଜଧାନୀର ଛାତି ଉପରେ ଦଶହଜାର ବର୍ଗଫୁଟ ଜାଗାରେ ତିଆରି ହୋଇଥିବା ଏହି ମିଶନ ଶକ୍ତି ବଜାର ରାଜ୍ୟର ମାଆ ମାନଙ୍କର ସଫଳତାର ନୂଆ ଇତିହାସ ଲେଖିବା ସହ ସ୍ୱାବଲମ୍ବୀରେ ନିଜ ଆର୍ଥିକ, ପ୍ରଗତି ଓ ମର୍ଯ୍ୟାଦାର ନୂଆ ସ୍ୱାକ୍ଷର ମଧ୍ୟ ଲିପିବଦ୍ଧ ହେବ। ଗତ ଦୁଇ ଦଶନ୍ଧିରେ ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଯାହା ଭିତରୁ ମିଶନ ଶକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନସ କନ୍ୟା ହୋଇ ପାରିଛି। ଦେଶର ପ୍ରଥମ ରାଜ୍ୟ ଭାବେ ମହିଳା ମାନଙ୍କୁ ରାଜ୍ୟ ସରକାରଙ୍କ ସହ ଯୋଗସୂତ୍ର ରକ୍ଷା କରିବାର ସୁଯୋଗ ଦିଆଯାଇଛି। ଯେଉଁଥି ପାଇଁ ମହିଳାମାନେ ନେତୃତ୍ୱ ନେଇ ପାରିଛନ୍ତି। ମିଶନଶକ୍ତି ମହିଳାଙ୍କୁ ଉଦ୍ୟୋଗୀ କରିବାକୁ ୫ଲକ୍ଷ ଟଙ୍କା ଯାଏ ବିନା ସୁଧ ସରକାର ଋଣ ପ୍ରଦାନ କରୁଛନ୍ତି। କୋରାପୁଟରେ କଫି ହେଉ ଅବା ନୂଆପଡ଼ାର ଷ୍ଟବେରୀ, ସୁବଠି ରହିଛି ମା'ମାନଙ୍କ ସ୍ୱାକ୍ଷର। ମା' ମାନଙ୍କ କଠିନ ଅଧ୍ୟବସାୟ ପ୍ରତିବଦ୍ଧତା ଏବଂ ଉତ୍ସର୍ଗୀକୃତ କାମ ପୁରା ରାଜ୍ୟକୁ ଗୌରବାନ୍ୱିତ କରିଛି। ସେମାନେ ଏସଏଚଜିରୁ ଏମଏସଏମଇରେ ରୂପାନ୍ତରିତ ହୋଇଛନ୍ତି। ଆମ ସମସ୍ତଙ୍କ ପାଇଁ ଏହି ମହିଳା ମାନେ ଆଲୋକବର୍ତ୍ତିକା ସାଜିଛନ୍ତି। ମିଲେଟ ମିଶନକୁ ଆଗକୁ ନେବାରେ ମିଶନ ଶକ୍ତି ମହିଳାମାନେ ହେଉଛନ୍ତି ମୁଖ୍ୟ କର୍ଣ୍ଣଧାର। ୭୦ ଲକ୍ଷ ମହିଳାଙ୍କୁ ମିଶନ ଶକ୍ତି ନୂଆ ପରିଚୟ ଦେଇଛି। ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିବଦ୍ଧତା ଅଛି ତାହା ମିଲେଟ ମିଶନରେ ପ୍ରତିଫଳିତ ହେଉଛି। ଓଡ଼ିଶା ବାହାରେ ସମସ୍ତେ ଏହାର ଉଦାହରଣ ଦେଉଛନ୍ତି। ମା'ମାନେ ଯୁଗ ଯୁଗରୁ ମାଟି ସହିତ ଜଡ଼ିତ। ମା'ର ସମ୍ପର୍କ ହାଣ୍ଡିଶାଳ ସହିତ ମଧ୍ୟ ରହିଛି। କିନ୍ତୁ ନବୀନ ଓଡ଼ିଶାରେ ମା'ମାନେ ରୋଷେଇ ଘରୁ ବାହାରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମିଶନ ଶକ୍ତିର ବଳ କେବଳ ସଂଖ୍ୟା ନୁହେଁ ଆମ ମା' ମାନଙ୍କ କଠିନ ପରିଶ୍ରମ ଦ୍ୱାରା ଅର୍ଜନ କରିଥିବା ସୁନାମ ହିଁ ଏହାର ବଳ। ମିଶନ ଶକ୍ତି ଆଜି ଏକ ମହାବୃକ୍ଷରେ ପରିଣତ ହେବା ପଛରେ ରହିଛି ମହିଳା ମାନଙ୍କ ନିଷ୍ପାପର ଉଦ୍ୟମ। ଆଉ ଏହି ମିଶନ ଶକ୍ତି ପାଇଁ ପୁଷ୍ଟି ଶସ୍ୟ ଓଡ଼ିଶାରୁ ବିଶ୍ୱ ଦରବାରରେ ପହଞ୍ଚିଛି।

*ଶ୍ରୀବିହାର କଲୋନୀ, କଟକ,*
*ଦୂରଭାଷ : ୯୪୩୭୬୬୬୪୫୩।*




# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି ।ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି ।ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୪ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି ।ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତାଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାର୍ଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି। ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାଓ୍ୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାଓ୍ୱାଟ୍‌ରେ ପହଂଚିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ। ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ସୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।


MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# ଦୁର୍ଘଟଣା ମୃତ୍ୟୁ କମିପାରିବ

ସୂଚନା ପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଳିକି, ସଚେତନତା ପାଇଁ କୋଟି କୋଟି ଟଙ୍କାର ଟଙ୍କା ଶ୍ରାଦ୍ଧ ହୋଇ ବି ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘ । ଭିତରେ ସେଥିରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନ ହାନୀ ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ, ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ୫ଲକ୍ଷ ପାଖାପାଖି ଲୋକେ ଗୁରୁତର ଭାବେ ଆହତ ହେଉଛନ୍ତି। କେତେକ ବିକଳାଙ୍ଗ ହୋଇ ସାରା ଜୀବନ ବିତାଉଥିବାର ଛାତିଥରା ଘଟଣାଟି ହେଉଛି ଏହା। ସମଗ୍ର ପୃଥିବୀରେ ଅନ୍ୟ ରାଷ୍ଟ୍ର ତୁଳନାତ୍ମକ ପରିସଂଖ୍ୟାନରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ। ଗତ ୨୦୧୩ରେ ଦେଶରେ ଘଟିଥିବା ଦୁର୍ଘଟଣା ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ ଏବଂ ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ସଡ଼କ ଦୁର୍ଘଟଣାର ଭୟାବହତାର ତଥ୍ୟ ଯାହା ଅନେକ ହତଭାଗ୍ୟଙ୍କ ବ୍ୟି ଗତ କ୍ଷେତ୍ର ଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢ଼ୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁ ଥିବାର ତ ଦେଖାଯାଉନାହିଁ? ତେବେ ଆଉ ଗୋଟିଏ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି ଯେ ଘଟଣାସ୍ଥଳରେ ମୁର୍ମୁଷୁ ହୋଇଥିବା ଲୋକଟିକୁ ତତ୍କାଳ ଚିକିତ୍ସାଳୟକୁ ନେଇ ପାରିଲେ ହୁଏତ କିଛି ଲୋକଙ୍କ ଜୀବନ ଅନ୍ତତଃ ବ ଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ଦୁର୍ଘଟଣାର ଆହତଙ୍କୁ ଠିକଣା ସମୟରେ ଚିକିତ୍ସା ଏବଂ ସର୍ବନିମ୍ନ ସଡ଼କ ସୁରକ୍ଷା ନିୟମର ପାଳନ । ଆଇନ କମିସନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରୁନାହିଁ । ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ । ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ବି ଏହି ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସେତେଟା ସେବା ଯୋଗାଇ ପାରୁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି । ପୁଲିସ୍ ଏବଂ ଅଦାଲତରେ ହଇରାଣ ହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ହୁଅନ୍ତି । ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମକୋର୍ଟର ବିଚାରାଧୀନ ରହିଛି । ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇ ନାହିଁ । ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଇନ ଓ ନିୟମର ଆବଶ୍ୟକ ସଂଶୋଧନ ହେବା ଏକାନ୍ତ ଆବଶ୍ୟକ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। ମାନ୍ୟବର କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମାନ୍ୟବର ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇ ଯାହା ଧୂଳି ହିଁ ଖାଉଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁନଥିବାରୁ ରାସ୍ତା ଦବି ଯିବା ଦ୍ୱାରା ବା ଫାଟ ସୃଷ୍ଟି ହେବା ଦ୍ୱାରା ବିଭିନ୍ନ ସମୟରେ ଦେଖାଯାଇଥାଏ। ଚଳିତ ନବକଳେବର ମହାପ୍ରଭୁଙ୍କ ଘୋଷଯାତ୍ରା ପୂର୍ବରୁ କେନ୍ଦ୍ରୀୟ ପାଣ୍ଠି ସହଯୋଗରେ ପୁରୀ ରାସ୍ତା ଯେଉଁପରି ଗୁଣାତ୍ମକମାନର ହୋଇଥିଲା ତାହାର ପ୍ରମାଣ ଗୋଟିଏ ଦିନ ଭିତରେ ହିଁ ପୁରୀବାସୀ ପାଇଗଲେ!! ଏହାକୁ ଏକ ସଦ୍ୟତମ ଉଦାହରଣ କୁହାଯାଇପାରେ। ସେହିପରି ଗାଡ଼ି ଚାଳକମାନେ ଯଥେଷ୍ଟ ଭାବରେ ନିଦ୍ରାରେ ଯାଉନଥିବାରୁ ଏହା ବି ଏକ କାରଣ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟ ବ୍ୟବହାର, ବଡ଼ଯାନର ସିଟ ବେଲଟ୍ ବ୍ୟବହାର ନ ହେଉଥିବାର, ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ନହୋଇଥିବାରୁ ଏହା ବି ଏକ ପ୍ରକାର କାରଣ। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତଃ ଘଟିପାରିବ ନାହିଁ। ସର୍ବୋପରି ଆମ ସମସ୍ତଙ୍କର ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ବି ନିହାତି ଜରୁରୀ।

## ଗଳ୍ପ ସଙ୍କଳନ 'ବନ୍ଧନର ବ୍ୟଥା' ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ସେନାବାହିନୀର ଅବସରପ୍ରାପ୍ତ ସୁବେଦାର ମେଜର ଭରତ ଚନ୍ଦ୍ର ଜେନାଙ୍କ ରଚିତ ଦ୍ୱିତୀୟ ପୁସ୍ତକ "ବନ୍ଧନର ବ୍ୟଥା" ପୂଜ୍ୟପାଦ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ବନଫୁଲ ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ ଏହି ସଙ୍କଳନରେ ତିରିଶଟି ଗଳ୍ପ ସମାହିତ ହୋଇଅଛି। କବି ଦେବେନ୍ଦ୍ର ନାଥ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚିତ ସଭାରେ ପଦ୍ମଶ୍ରୀ ବାବା ବଳିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡକ୍ଟର ତ୍ରିନାଥ ପଟ୍ଟନାୟକ ମୁଖ୍ୟବକ୍ତା ଓ ଡକ୍ଟର ତୋଫାନ ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମେଜର ଜେନାଙ୍କ ରଚିତ ଗଳ୍ପଗୁଡିକରେ ସାମାଜିକ ଚେତନା ଏବଂ ବରିଷ୍ଠମାନଙ୍କୁ ଆଦର ଓ ସମ୍ମାନ ପ୍ରଦାନ କରିବାର ପ୍ରେରଣା ଭରି ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପିନାକୀ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ "ବନ୍ଧନର ବ୍ୟଥା" ପୁସ୍ତକର ଅପୂର୍ବ ସାମାଜିକ ଚେତନା ଓ ମୂଲ୍ୟବୋଧ ଉଦଯିବିତ ହୋଇଅଛି। ଡକ୍ଟର ଚିଦାନନ୍ଦ ସରସ୍ୱତୀ ମ ପରିଚାଳନା କରିଥିବା ବେଳେ କବି ସଞ୍ଜୟ କୁମାର ମଲ୍ଲିକ, ମନ୍ମଥନାଥ ବରାଳ, ଡକ୍ଟର ରତ୍ନାକର ମଲ୍ଲିକ, ଶୁଭାଂଶୁ ଦାସ, ସିଦ୍ଧାର୍ଥ ଶଙ୍କର ରାୟ, କୁଞ୍ଜବିହାରୀ ପାଣି, ଅମର ରାଉତ, ବିଧୁ ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କବୟିତ୍ରୀ ଆରତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ଗର୍ଭପାତ ଆଇନ

ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍-୨୦୨୦ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ବୁଧବାରର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ସଂଶୋଧନ ବିଲ ୨୦୨୦କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ କି ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା'ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ କି ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା କି ଗର୍ଭପାତ ସମୟସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭ ଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ କି ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସଲ୍ୟାଣ୍ଡ, ନରୱେ, ଫିନଲ୍ୟାଣ୍ଡ, ସ୍ୱିଡ଼େନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡେ଼ନମାର୍କ, ଘାନା, କ୍ୟାନାଡା, ଜର୍ମାନୀ, ଭିଏତନାମ ଓ ଜିମ୍ବାୱେ ଭଳି ଦେଶରେ ଯେ କୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୂଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଓ ସର୍ତ୍ତ ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି। ଯାହାଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁସହ ମାଆର ବି ମୃତ୍ୟୁ ହୋଇଥାଏ। ମାତୃତ୍ୱର ପ୍ରଥମ ପର୍ଯ୍ୟାୟ ହେଉଛି ଗର୍ଭାବସ୍ଥା। କୁହାଯାଏ ଯେ ଗର୍ଭାବସ୍ଥାରେ ନାରୀଟିର ମୁହଁରୁ ମାତୃତ୍ୱର ଆଭା ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥାଏ । କିନ୍ତୁ ଆମ ଦେଶରେ ଏହି ମାତୃତ୍ୱର ପ୍ରଥମ ପର୍ଯ୍ୟାୟଟିରେ ହିଁ ଲକ୍ଷ ଲକ୍ଷ ମହିଳା ସବୁଦିନ ପାଇଁ ଆଖି ବୁଜିଥାନ୍ତି। ପ୍ରାକୃତିକ ଭାବେ ଯଥା ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଭାରୀ ଓଜନ ଉଠାଇବା ଇତ୍ୟାଦି କାରଣରୁ ମିସ୍‌କ୍ୟାରେଜ୍ ହୋଇଥାଏ। ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୂଣଟିର ନଷ୍ଟ କରାଯାଇଥାଏ। ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁଁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟିର ଜନ୍ମ ପରେ ବିକଳାଙ୍ଗ ହେବାର ଆଶଂକା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ। ଯାହାକୁ ଥେରାପେଟିକ୍ ଆବର୍ସନ କୁହାଯାଏ। ସେହିପରି କେତେକ ମହିଳାଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବ୍ୟବସ୍ଥା ବିଫଳ ହେଲେ ଇତ୍ୟାଦି କାରଣରୁ ଗର୍ଭପାତ କରାଯାଇଥାଏ, ଯାହାକୁ ଇଲେକ୍‌ଟିଭ୍ ଆବର୍ସନ କୁହାଯାଏ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡ଼ିକାଲ ଟର୍ମିନେସନ୍ ଅଫ୍ ପ୍ରେଗେନାନ୍ସି ବା ଏମଟିପି ଆକ୍ଟ କାର୍ଯ୍ୟକାରୀ ହେଲା। ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ଧର୍ଷଣର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥାନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ପଚିଶ ପ୍ରତିଶତ ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ପନ୍ଦର ପ୍ରତିଶତ, ଅସୁରକ୍ଷିତ ଗର୍ଭପାତ କାରଣରୁ ତେର ପ୍ରତିଶତ, ଅସହ୍ୟ ପ୍ରସବ ବେଦନା ପାଇଁ ଆଠ ପ୍ରତିଶତ, ଏକ୍ଲାମ୍ପସିଆ କାରଣରୁ ବାର ପ୍ରତିଶତ, ଅନ୍ୟାନ୍ୟ ପରିପାର୍ଶ୍ୱିକ କାରଣ ପାଇଁ ଆଠ ପ୍ରତିଶତ ଓ ପରୋକ୍ଷ କାରଣ ପାଇଁ ଉଣେଇଶ ପ୍ରତିଶତ ଗର୍ଭବତୀ ଆଖି ବୁଜିଥାନ୍ତି । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ । ଏହା ମଧ୍ୟରୁ ସତାନବେ ପ୍ରତିଶତ ବିକାଶୋନ୍ମୁଖୀ ଦେଶମାନଙ୍କରେ ହୋଇଥାଏ । ଯାହାଦ୍ୱାରା ପ୍ରତିବର୍ଷ ଅନୁନ୍ୟ ଅଢ଼ଷଠି ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃମୃତ୍ୟୁ ହାର ହେଉଛି ସେଥିମଧ୍ୟରୁ ତେର ପ୍ରତିଶତ ଅସୁରକ୍ଷିତ ଗର୍ଭପାତ ଯୋଗୁଁ ହୋଇଥାଏ । ସେହିପରି ପା ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି।

ସ୍ୱାସ୍ଥ୍ୟ, ଶିକ୍ଷାର ଅଭାବ, ଜନ୍ମ ନିୟନ୍ତ୍ରଣ ତଥା ଅନୁନ୍ନତ ସ୍ୱାସ୍ଥ୍ୟ ସେବା ଗର୍ଭପାତ ଦ୍ୱାରା ହେଉଥିବା ମୃତ୍ୟୁର ପ୍ରମୁଖ କାରଣ । ସେହିପରି ଗର୍ଭପାତକୁ ଆଇନ ସମ୍ମତ କରାନଯିବା ଯୋଗୁଁ ମଧ୍ୟ ସମସ୍ୟା ଦେଖାଯାଇଥାଏ । ଯେଉଁ ଦେଶ ମାନଙ୍କରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବାର ଜଣାଯାଏ । ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀ ମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତ ଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫ପ୍ରତିଶତ କମାଇ ଦିଆଯାଇପାରନ୍ତା । ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥାନ୍ତି । ତେବେ ଗର୍ଭପାତ ପାଇଁ ମନ ନବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଗାନ୍ଧୀ ଜୟନ୍ତୀରେ "ସାମ୍ପ୍ରତିକ ସମୟରେ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା" ଶୀର୍ଷକ ଆଲୋଚନାଚକ୍ର

ଉପରେ ଠିଆ ହୋଇଥିବାବେଳେ ମାନବ ସଭ୍ୟତାର ସୁରକ୍ଷିତ ଭବିଷ୍ୟତ ପାଇଁ ଗାନ୍ଧୀ ବିଚାରର ପ୍ରସାର ଓ ପ୍ରୟୋଗ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ଗାନ୍ଧି ବିଚାରମଂଚ ଆନୁକୁଲ୍ୟରେ ପବିତ୍ର ଗାନ୍ଧି ଜୟନ୍ତୀ ଅବସରରେ "ସାମ୍ପ୍ରତିକ ସମୟରେ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା" ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେଇ ଆଲୋଚକ ମାନେ ମତବ୍ୟକ୍ତ କରିଛନ୍ତି। ଗାନ୍ଧୀ - ୧୫୦ର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ସ୍ଥାନୀୟ ପବ୍ଲିକ ରିଡିଂ ରୁମ୍ ପରିସରରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସାହିତ୍ୟିକ ଡଃ. ବାସୁଦେବ ଦାସ ମୁଖ୍ୟବକ୍ତା ଓ ଶିକ୍ଷକ ନେତା ଅଧ୍ୟାପକ ଅଜୟ ସାମଲ, କେନ୍ଦ୍ରାପଡା ଓକିଲ ସଂଘର ପୂର୍ବତନ ସଭାପତି ସରୋଜରାଜ ସିଂ, ସମାଜସେବୀ ଭକ୍ତ ଚରଣ ମଲ୍ଲ ଏବଂ କବି ରାମକୃଷ୍ଣ ଦାଶ ସମ୍ମାନୀତ ବକ୍ତାରୂପେ ଯୋଗଦେଇ ଗାନ୍ଧିଜୀଙ୍କୁ କେବଳ ଜଣେ ମହାମାନବ ନୁହଁନ୍ତି ବରଂ ଏକ ବିଚାରର ପ୍ରତିକ ଭାବେ ଅଭିହିତ କରିବା ସହ ୧୯୪୮ ମସିହାର ଗାନ୍ଧୀ ହତ୍ୟା ସମୟରୁ ଏହି ବିଚାର ଉପରେ ଚାଲିଆସିଥିବା ଆକ୍ରମଣ ବର୍ତ୍ତମାନ ସମୟରେ ଶାସକୀୟ ପୃଷ୍ଟପୋଷକତା ଲାଭ କରି ଅଧିକ ଯୋଜନାବଦ୍ଧ ଓ ପରିପୃଷ୍ଟ ହୋଇଯାଇଛି ବୋଲି ମତବ୍ୟକ୍ତ କରି ଏହା ବିରୋଧରେ ସମସ୍ତ ଦେଶ ପ୍ରେମୀ ନାଗରିକ ଏକାଠି ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଗୋଲଖ ସେଠୀ ଗାନ୍ଧିଜୀଙ୍କ ପ୍ରିୟଭଜନ ଗାନ କରିଥିବାବେଳେ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ନିରଞ୍ଜନ ମେକାପ, ସାମ୍ବାଦିକ ଆଶୀଷ ସେନାପତି, ଗାଳ୍ପିକା ଅବନ୍ତୀ ବେହେରା, ଅମର ପ୍ରସାଦ ରାଉତ, ମେଜର ଭରତ ଚନ୍ଦ୍ର ଜେନା, ନୃସିଂହ ତ୍ରିପାଠୀ, ଅବଧୂତ ରାଉତ, ସଂଜୟ ମଲ୍ଲିକ, ଶରତ ରାଉତ, ଅମରେନ୍ଦ୍ର ଦାସ, ସଂଜୟ ମଥାନ, ସ୍ୱପ୍ନାଂଶୁ ଦାସ, ପାର୍ଥସାରଥି ବେହେରା, ଶୈଳବାଳା ସାମଲ, ଜାହିଦ୍ ଖାଁ, ଅମୀୟ ନାୟକ, ଅଜୟ ପାତ୍ର, ଅଧର ଚନ୍ଦ୍ର ସାହୁ, ଅପର୍ତି ସେଠୀ ପ୍ରମୁଖ ଆଲୋଚନା ଚକ୍ରରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## କବି ଡଃ. ଶ୍ରୀଧର ସାମଲଙ୍କ କବିତା ସଙ୍କଳନ "ସ୍ୱପ୍ନ କିଛି ବାକିଥାଉ" ଲୋକାର୍ପିତ

କେନ୍ଦ୍ରାପଡ଼ା (ପିଏନ୍) : ସାରସ୍ୱତ ଜଗତର ଅମ୍ଳାନ ବ୍ୟକ୍ତିତ୍ୱ ତଥା ସୁନାମଧନ୍ୟ କବି ପ୍ରଫେସର ଡଃ. ଶ୍ରୀଧର ସାମଲଙ୍କ ଦ୍ୱିତୀୟ କବିତା ସଙ୍କଳନ "ସ୍ୱପ୍ନ କିଛି ବାକିଥାଉ" ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଏହି ଉପଲକ୍ଷେ ପ୍ରାକ୍ତନ କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ଓଡିଶାର ବିଶିଷ୍ଟ ସାହିତ୍ୟିକ ଡଃ. ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ଡଃ. ଶ୍ରୀଧର ସାମଲଙ୍କ କବିତା ସଙ୍କଳନ "ସ୍ୱପ୍ନ କିଛି ବାକିଥାଉ" ପୁସ୍ତକକୁ ଲୋକାର୍ପିତ କରିବା ସହ ଆଜିର ଯୁବକଯୁବତୀମାନେ ରାଜନୀତି ରୂପକ ମାୟା ମିରିଗ ବା ମରିଚିକା ପଛରେ ନଗୋଡାଇ ଏକ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ପ୍ରୟାସ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଡଃ. ସାମଲ କହିଥିଲେ ଯେ ରୂପ, ଭାବ, ଶବ୍ଦ ଓ ସାଙ୍ଗିକତାକୁ ନେଇ କବିତାର ସୃଷ୍ଟି ହୋଇଥାଏ। ଡଃ. ଶ୍ରୀଧର ସାମଲ ହେଉଛନ୍ତି ଜଣେ ମାଟି ମନସ୍କ କବି। ମାନବ ସଂପ୍ରିତି ତାଙ୍କ ଭିତରେ ଭରି ରହିଛି। ତେଣୁ ତାଙ୍କର ଏହି କବିତା ସଙ୍କଳନ ପୁସ୍ତକ "ସ୍ୱପ୍ନ କିଛି ବାକିଥାଉ" ଆଗାମୀ ଦିନରେ ନିଶ୍ଚିନ୍ତ ପାଠକୀୟ ସ୍ୱିକୃତି ଲାଭ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ଡଃ. ବୀଣାପାଣି ତ୍ରାପାଠୀ ଓ ପ୍ରାଧ୍ୟାପକ ଅଜୟ କୁମାର ସାମଲ ଯୋଗଦେଇ ପୂର୍ବାଶା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ କବି ଡଃ. ସାମଲଙ୍କ କବିତା ସଙ୍କଳନ ପୁସ୍ତକ ଏକ ଯୁଗପୋଯୋଗୀ ଓ ହୃଦୟସ୍ପର୍ଶୀ ବୋଲି ମତବ୍ୟକ୍ତ କରିବା ସହିତ ସେହି ପୁସ୍ତକର ସାମଗ୍ରିକ ରୂପ ବର୍ଣ୍ଣନା ସହ ସମୀକ୍ଷା କରିଥିଲେ। ଏହି ଅବସରରେ ମୌସୁମୀ ସାହିତ୍ୟ ସଂସଦ ପକ୍ଷରୁ କବି ହେମନ୍ତ କୁମାର ରାଉତ, ପ୍ରାବନ୍ଧିକ ନିରଞ୍ଜନ ମେକାପ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ଅଧ୍ୟାପକ ବୃନ୍ଦାବନ ଦାସ, କବି ରଞ୍ଜନ ବାଇ, କବି ଶଶିକାନ୍ତ ଦାସ ଓ କବି ନାରାୟଣ ଜେନାଙ୍କୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁକବି ହେମନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଶିଶିର କୁମାର ମହାପାତ୍ର ବେଦପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଶୁଭାଂଶୁ ଦାସ, ନଳିନୀକାନ୍ତ ପୃଷ୍ଟି, ଅବନ୍ତୀ ବେହେରା, ଅଜୟ କୁମାର ପାତ୍ର, ଅଧ୍ୟାପକ ତପନ କୁମାର ପତି, ଶିକ୍ଷାବିତ କାଶୀନାଥ ରାଉତରାୟ, ପ୍ରେମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ସହର

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି ।

## ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, (ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆ.ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଏସଆଇସି ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଏସଆଇସି ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday March 07, 2024 ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୭ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ଯୁବପିଢୀ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ

ଭୁବନେଶ୍ୱର,(ପି.ଏନ) : ଏକ ସମୃଦ୍ଧ ପ୍ରଗତିଶୀଳ ବିକଶିତ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ସହଭାଗୀତା ନିତାନ୍ତ ଜରୁରୀ । ଯୁବପିଢୀ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ । ଆଗାମୀ ସମୟର ଭାରତର ନିର୍ମାତା ହେଉଛନ୍ତି ଯୁବ ଶକ୍ତି । ଯୁବ ଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ । ଏଣୁ ଯୁବଶକ୍ତିର ଉପଯୁକ୍ତ ବିନିଯୋଗ ହେବା ଆବଶ୍ୟକ ବୋଲି ଜିଲ୍ଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଆନୁକୂଲ୍ୟରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ଅଣ୍ଡର ସେକ୍ରେଟାରୀ ଜନ୍ମେଜୟ ସାହୁ, ସମ୍ମାନିତ ଅତିଥିରୂପେ ଏନ୍.ସି.ଏସ୍.ସି.ଡି.ଏର ପୂର୍ବତନ ମୁଖ୍ୟ ରାମ କିଶୋର ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସର ପ୍ରକଳ୍ପ ଅଧିକାରୀ ସ୍ମୃତିରନ ଦାଶ, ରେଜିଷ୍ଟାର ଜ୍ଞାନ ରଜ ମର୍ହି, କାର୍ଯ୍ୟକ୍ରମ ସଂଯୋଜକ ଡ.କାଜଲ ପ୍ରସାର, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୁବ ସଂସଦ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସମସ୍ୟା ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଯଥା ବେଟୀ ବଚାଓ, ବେଟୀ ପଢାଓ, ଖେଲୋ ଇଣ୍ଡିଆ, ପିଏମ୍ ଉଜ୍ଜ୍ୱଳା ଯୋଜନା, ଜନନୀ ସୁରକ୍ଷା ଯୋଜନା, ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ମହିଳା ସମ୍ମାନ ଯୋଜନା, ପିଏମ୍ କିଶାନ ସଂପଦ ଯୋଜନା ସଂପର୍କରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପାରାଦୀପରୁ ଗଡିଲା କେନ୍ଦୁଝର ମେମୋ ଟ୍ରେନ୍-ଲୋକାର୍ପଣ କଲେ ମାନ୍ୟବର ପ୍ରଧାନମନ୍ତ୍ରୀ

ପାରାଦୀପ,(ପି.ଏନ): ଦୀର୍ଘ ଦିନର ଦାବୀ ପରେ ମଙ୍ଗଳବାର ଦିନ ପାରାଦୀପରୁ କେନ୍ଦ୍ରାପଡା ଦେଇ କେନ୍ଦୁଝରଗଡକୁ ମେମୋ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି । ପାରାଦୀପ ରେଳ ଷ୍ଟେସନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଅତିଥି ଭାବେ ଯୋଗ ଦେଇଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଏହି ରେଳ ଚଳାଚଳର ଶୁଭାରମ୍ଭ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାକୁ ରେଳ ଚଳାଚଳ ନିମନ୍ତେ ବହୁ ଦିନରୁ ଦାବୀ ହୋଇ ଆସୁଥିଲା । ମଙ୍ଗଳବାର ଦିନ ରେଳ ଚଳାଚଳ ଆରମ୍ଭ ହେବା ପରେ କେନ୍ଦ୍ରାପଡା ଜିଲ୍ଲା ଓ କେନ୍ଦୁଝର ଜିଲ୍ଲାର ଲୋକମାନେ ରେଳ ଯାତ୍ରା କରିଥିଲେ । ଏହି ରାସ୍ତାରେ କେବଳ ପାରାଦୀପ ବନ୍ଦରକୁ ମାଲବାହୀ ଟ୍ରେନ୍ ଚଳାଚଳ କରୁଥିଲା । ଏହି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା ।

## ବି.ଏସ୍.କେ.ୱାଇ ନବୀନ କାର୍ଡ ବିତରଣ କାର୍ଯ୍ୟକ୍ରମ




କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର)(ପି.ଏନ): ଆଜି ଅପରାହ୍ନ ସମୟ ରେ କୁକୁଡାଖଣ୍ଡି ବ୍ଲକ ସମ୍ମୁଖ ରେ ବି.ଏସ୍.କେ.ୱାଇ ନବୀନ କାର୍ଡ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ କୁକୁଡାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀଣି ଡ଼ଃ ପଲ୍ଲବୀ ସ୍ୱାଇଁ ଯୋଗ ଦେଇ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯକ୍ରମ ଶୁଭ ଆରମ୍ଭ କରିଥିଲେ । ଆଜି ପ୍ରତି ପଞ୍ଚାୟତ ର ପାଞ୍ଚଜଣ ଙ୍କୁ ବି.ଏସ.କେ.ୱାଇ. ନବୀନ କାର୍ଡ ବଣ୍ଟନ କରାଯାଇଥିଲା ଓ କିଛି କାର୍ଡ ଆସନ୍ତା କାଲି ବିଭିନ୍ନ ପଞ୍ଚାୟତ ରେ ବଣ୍ଟନ କରାଯିବ ବୋଲି ବ୍ଲକ ଅଧକ୍ଷ ସୂଚନା ଦେଇଛନ୍ତି । ଏହି କାର୍ଡ ଦ୍ୱାରା ଗରିବ ଶ୍ରେଣୀର ଲୋକେ ମାନେ ଓ ଜନସାଧାରଣ ମାଗଣ ରେ ଚିକିତ୍ସା ସେବା ପାଇପାରିବେ ବୋଲି ବ୍ଲକ ଅଧକ୍ଷ ଶ୍ରୀ ପାତ୍ର ମନ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷ ଙ୍କ ସହ ବ୍ଲକ ରେ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟା, ଜିପିଓ ସୁପ୍ରଭା ସାହୁ, ଏମଆଇ ଧିରେନ୍ ସାହୁ, ବ୍ଲକ ଫାଇନାନ୍ସ ଅଫିସର୍ ସିମାଞ୍ଚଳ ମସ୍ତି, ଏଇଇ ଅନୁରାଗ ରଥ, ବିଏସ୍ଏସ୍ଓ ମନୋଜ ପ୍ରଧାନ, ଏଇ ଇନ୍ଦିରା ପ୍ରିୟଦର୍ଶିନୀ, ପଦ୍ମିନୀ ବେହେରା, ଜେଇ ମନୋରଞ୍ଜନ ପାଣିଗ୍ରାହୀ, ଅଶ୍ୱିନୀ ସୁବୁଦ୍ଧି ଙ୍କ ସମେତ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ପିଇଓ ଓ ବହୁ ଜନସାଧାରଣ ଉପସ୍ଥିତ ରହିଆସିଥିଲେ ।

## ୭୬ତମ ମାଳହାଟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



ଜେନାପୁର,(ପି.ଏନ୍) : ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଏଣ୍ଡଲବା ଗ୍ରାମ ପଞ୍ଚାୟତ ଅଧିନସ୍ଥ ସାତମୌଜା ସାଂସ୍କୃତିକ ପରିଷଦ ମାଳହାଟ ମେଲଣ କମିଟି ତରଫରୁ ଆଜି ଏକ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଥିଲା । ଏହି ଆଲୋଚନାରେ କମିଟିର ସ୍ଥାୟୀ ସଭାପତି ଶ୍ରୀ କାଳନ୍ଦୀ ଚରଣ ପାଣି ସଭାପତିତ୍ୱ କରିଥିଲେ । ବୈଠକରେ ଚତୁର୍ଦ୍ଦଶ ବିଶ୍ୱଶାନ୍ତି ମହାଯଜ୍ଞ ଓ ମାଳହାଟ ୭୬ ତମ ମେଲଣ ପର୍ବ ଓ ଅପେରା ପରିବେଷଣ ବିଷୟରେ ଆଲୋଚନା ହୋଇଥିଲା । ଚଳିତ ମାସ ୧୭ ତାରିଖରେ ଚତୁର୍ଦ୍ଦଶ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବାକୁ ନିଷ୍ପତି ନିଆଯାଇଥିଲା । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଦୀର୍ଘ ପାଞ୍ଚଦିନ ବ୍ୟାପି ପାଳନ କରାଯିବ । ଏଥିରେ ସାତ ମୌଜାରୁ ମୋଟ୍ ୨୧ ଜଣ କଳସ ବୁଡ଼ାଇ ବାକୁ ନିର୍ଦ୍ଦିଷ୍ଟ କରାଯାଇଥିଲା । ବିଶ୍ୱଶାନ୍ତି ମହାଯଜ୍ଞରେ ଭଜନ,କୀର୍ତ୍ତନ, ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦୋଳି ମିନାବଜାର ଓ ବିଭିନ୍ନ ପ୍ରକାରର ଦୋକାନ ବଜାର ବସିବାକୁ ନିଷ୍ପତି ନିଆଯାଇଥିଲା । ଏବଂ ଆସନ୍ତା ମାର୍ଚ୍ଚ ୨୭.୦୩.୨୪ରିଖ ବୁଧବାର ଦିନ ନିର୍ଦ୍ଧାରିତ ଥିବା ୭୬ ତମ ମେଲଣ ମହୋତ୍ସବ ଲାଗି ମଧ କମିଟିରେ ଆଲୋଚନା ହୋଇଥିଲା । ବିଶ୍ୱଶାନ୍ତି ମହାଯଜ୍ଞ ଓ ୭୬ ତମ ମାଳହାଟ ମେଲଣ ପର୍ବକୁ ଆସିବାକୁ ସାତମୌଜା ସାଂସ୍କୃତିକ ପରିଷଦ ମାଳହାଟ ମେଲଣ କମିଟି ତରଫରୁ ଅନୁରୋଧ କରିଥିଲେ । ଚଳିତ ବର୍ଷ ମହାଯଜ୍ଞ ଉପଲକ୍ଷେ ବିଶେଷ ଆକର୍ଷଣ ଯାତ୍ରା ଓଁ ଶ୍ରୀ ବାଘା ଯାତୀନ ଲୋକନାଟ୍ୟ ତା ୧୭/୦୩/୨୦୨୪ ଠାରୁ ମାର୍ଚ୍ଚ ୨୦ /୦୩/୨୦୨୪ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରିବ । ପ୍ରତ୍ୟେକ ରାତ୍ରରେ ଓଡ଼ିଶାର ସୁନାମ ଧନ୍ୟ ନାମୀ ଦାମୀ କଳାକାର ମାନଙ୍କୁ ଦେଖିବାକୁ ମିଳିବ ବୋଲି ପ୍ରସ୍ତାବରେ ଆଲୋଚନା ହୋଇଥିଲା ।

## ଡଂକାରି ଓ ରାହାଡ଼ପୁର କଳାପଥର ଖାଦାନରେ ଚଢଉ

ଭୁବନେଶ୍ୱର, (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଡଂକାରି ଓ ରାହାଡ଼ପୁର ସ୍ଥିତ କଳା ପଥର ଖଦାନ ଓ କ୍ରସରରେ ଆଜି ଜିଲ୍ଲା ଖଣି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇଛି । ଯାଜପୁର ଲଘୁ ଖଣିଜ ବିଭାଗର ଉପ ନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଖଣି କାର୍ଯ୍ୟାଳୟ କର୍ମଚାରୀ ଓ ଧର୍ମଶାଳା ତହସିଲର ଆରଆଇ ଚନ୍ଦନ କୁମାର ସାହୁ, ସନ୍ଦିପ ମହାନ୍ତି ଏହି ଚଢାଉରେ ସାମିଲ ହୋଇଥିଲେ । ଯାଜପୁର ରୋଡ ଏସଡିପିଓ ସୟ କୁମାର ପଟ୍ଟନାୟକ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ବହୁ ପୁଲିସ କର୍ମଚାରୀ ଏହି ଚଢାଉରେ ସହାୟତା କରିଥିଲେ । ଏହି ଟିମ ପ୍ରଥମେ ଡଙ୍କାରୀ କଳାପଥର ପାହାଡକୁ ଯାଇ ସେଠାରେ ଚାଲିଥିବା ଏକ ଖାଦାନରେ ଚଢାଉ କରି ୨ ଟି ପୋକଲିନ ମେସିନ ସହ ୩ ଗୋଟି ହାଇୱା ଗାଡିକୁ ଜବତ କରିଥିଲେ । ପରେ ଏହି ଟିମ ରାହାଡପୁର ଯାଇ ସେଠାରେ ୪ ଗୋଟି କ୍ରସରରେ ପଚରା ଉଚରା କରିଫେରିଯାଇଥିବା ବେଳେ ଉକ୍ତ କ୍ରଶରକୁ ନୋଟିସ ଜାରି କରାଯାଇପାରେ ବୋଲି କୁହାଯାଉଛି । ତେବେ ଜବତ ଗାଡି ଓ ମେସିନକୁ ଚଢେଇଧରା ଚେକପୋଷ୍ଟରେ ରଖାଯାଇଥିବା ଜଣାଯାଇଛି । ବେଆଇନ ଖନନ ଓ ପରିବହନକୁ ନେଇ ଏହି ଚଢାଉ କାରାଯାଇଥିବା ନେଇ ଖଣି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## କଳାବାଘ ସଫାରୀ କରିବେ, ହେଲେ ମହାବଳକୁ ବଞ୍ଚାଇ ପାରିଲେନି !

ଭୁବନେଶ୍ୱର, (ପି.ଏନ): ଶିମିଳିପାଳ ଅଭୟାରଣ୍ୟ ହେଉଛି ଏସିଆ ମହାଦେଶର ସର୍ବ ବୃହତ୍ ଜୈବ ମଣ୍ଡଳ । ଏଠାରେ କଳାବାଘ ସଫାରୀ କରିବା ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ହେଲେ ମହାବଳ ବାଘକୁ ସୁରକ୍ଷା ଦେଇପାରୁ ନାହାନ୍ତି । ଯେଉଁ ମହାବଳ ବାଘ ପାଇଁ ଶିମିଳିପାଳ ସମଗ୍ର ଦେଶରେ ଗୌରବ ଅର୍ଜନ କରିଥିଲା, ତାକୁ ବଞ୍ଚାଇ ପାରିଲେ ନାହିଁ । ଗତ ୫ ତାରିଖରେ ପୁଣି ଗୋଟିଏ ମହାବଳ ବାଘର ମୃତ୍ୟୁ ଘଟିଛି । କିନ୍ତୁ ବାଘ ମୃତ୍ୟୁର କାରଣ ଜାଣିପାରୁନି ବନ ବିଭାଗ । ତେବେ ଏଠି ପ୍ରଶ୍ନ ଉଠୁଛି, ଏସ୍ଟିଏଫ୍, ଜେଟିଏଫ୍ ସହ ଅତ୍ୟାଧୁନିକ ଜ୍ଞାନ କୌଶଳ ଖଞ୍ଜା ଯାଇଥିବା ପାଟ୍ରୋଲିଂ ଗାଡି ଥିବା ସତ୍ତ୍ୱେ ବାଘର ମୃତ୍ୟୁ କେମିତି ହେଲା । ଶିମିଳିପାଳ ଅଭୟାରଣ୍ୟର ନଅଣା ସାଉଥ୍ର ଧୁଡୁରୁଚମ୍ପା ରେଞ୍ଜରେ ଗୋଟିଏ ମହାବଳ ବାଘର ମୃତ୍ୟୁ ଘଟିଥିଲା । ମୃତ ବାଘର ବୟସ ୩ରୁ ସାଢେ ୩ ବର୍ଷ ହେବ । ଗତ ୫ ତାରିଖରେ ବାଘ ମରିଥିବା ବନ ବିଭାଗ ଅନୁମାନ କରୁଛନ୍ତି । ୬ ତାରିଖରେ ବନ ବିଭାଗ ମୃତଦେହ ଜବତ କରିଥିଲା । ତା'ପରେ NTCA , PCCF, JTF, CCF wild lifeର ଦଶ ଜଣିଆ ପ୍ରତିନିଧି ଦଳ ଘଟଣା ସ୍ଥଳରେ ପହଞ୍ଚି ବାଘର ବ୍ୟବଚ୍ଛେଦ କରିଥିଲେ । ଏଥିସହ ମୃତ୍ୟୁର କାରଣ ଖୋଜୁଛନ୍ତି ।

## ଜଗନ୍ନାଥ ଟ୍ରକ ମାଲିକ ସଙ୍ଘର ନିର୍ବାଚିତ ପ୍ରାର୍ଥୀଙ୍କ ସପଥ ଗ୍ରହଣ ଉତ୍ସବ ପାଳିତ



ପାରାଦ୍ୱୀପ,(ପି.ଏନ): ଜଗନ୍ନାଥ ଟ୍ରକ ମାଲିକ ସଙ୍ଘର ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ର ଏକ ବର୍ଣ୍ଣାଢ୍ୟ ଶପଥ ଗ୍ରହଣ ଉତ୍ସବ ନିଜସ୍ୱ ସଙ୍ଘ କାର୍ଯ୍ୟାଳୟ ପରିସରରେ ସଂଖ୍ୟାଧିକ ଟ୍ରକ ମାଲିକଙ୍କ ଉପସ୍ଥିତି ରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ମୁଖ୍ୟ ଅତିଥି ଭାବେ ପେଟ୍ରୋଲିୟମ ଡିଲରସ ଆସୋସିଏସନ ରାଜ୍ୟ ସଭାପତି ଶଶାଙ୍କ ଶେଖର ସାହୁ ଯୋଗଦେଇ ବହୁ ଉପାଦେୟ କଥା କହି ଏହି ସଙ୍ଘକୁ ପୂର୍ଣ୍ଣ ମାତ୍ରାରେ ସବୁ କ୍ଷେତ୍ରରେ ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ କ୍ଷ ସେହିପରି ଅତିଥି ଭାବେ ଚଳିତ ଟ୍ରକ ସଙ୍ଘ ନିର୍ବାଚନ ର ନିର୍ବାଚନ ଅଧିକାରୀ ମହେଶ୍ୱର ନାୟକ, ଅଶୋକ ଦାଶ, ଭ୍ରମରବର ସାହୁ, ରାଜେନ୍ଦ୍ର ଖୁଣ୍ଟିଆ, ବ୍ରହ୍ମାନନ୍ଦ ସ୍ୱାଇଁ, ଭଗବାନ ସ୍ୱାଇଁ, ଦୁଷ୍ମନ୍ତ ଦାସ, ମହେଶ୍ୱର ବରାଳ, ରତ୍ନାକର ଜେନା ଙ୍କ ସହିତ ନିର୍ବାଚିତ ସଭାପତି ରାକେଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପରିଡା, ଉପ ସଭାପତି ସରୋଜ କୁମାର ମହାପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, ସହ ସମ୍ପାଦକ ସୁଧୀର କୁମାର ଜେନା, କୋଷାଧକ୍ଷ ମାନସ ପାତ୍ର ଓ ସଙ୍ଘର ପ୍ରଥମ ସମ୍ପାଦକ ଶ୍ରୀରାମ ଚନ୍ଦ୍ର ସାହୁ ସପଥ ଗ୍ରହଣ ସଭାରେ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିବା ବେଳେ ଜ୍ଞାନ ରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray